ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 46 | 17 - 23 November 2024 | Sambalpur | Pages- 8 | Invitation Price Rs.10

# ଜିଏଲ୍ଓଏଫ୍ ମୁକାବିଲା ଲାଗି ପ୍ରଭାବଶାଳୀ ରଣନୀତି ଜରୁରୀ : ପି.କେ ମିଶ୍ର

ନୂଆଦିଲ୍ଲୀ : ହିମବାହ ହ୍ରାସ ସହ ଜଡ଼ିତ ବିପଦ ହ୍ରାସ କରି ଜନସମୁଦାୟଙ୍କ ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ସୁନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର ଗୁରୁତ୍ୱ ଦେଇଛନ୍ତି । ଏଠାରେ ବିପର୍ଯ୍ୟୟ ବିପଦ ହ୍ରାସ କମିଟି (ସିଓଡିଆର୍ଆର୍)ର ଚତୁର୍ଥ କର୍ମଶାଳାରେ ଯୋଗ ଦେଇ ଡକ୍ଟର ମିଶ୍ର ଜିଏଲ୍ଓଏଫ୍ (ଗ୍ଲେସି-ଆଲ ଲେକ୍ ଆଉଟ୍ ବ୍ରଷ୍ଟ ଫ୍ଲଡ୍ ବା ହିମବାହ ହ୍ରଦ ବିସ୍ଫୋରଣ ବନ୍ୟା) ବିପଦ ହ୍ରାସ ପାଇଁ ରଣନୀତି ଉପରେ ଆଲୋକପାତ କରିଥିଲେ । କର୍ମଶାଳାର ଆୟୋଜନ ପାଇଁ ସେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍ଡିଏମ୍) ଏବଂ ଜଳ ସମ୍ପଦ ବିଭାଗକୁ ପ୍ରଶଂସା କରି ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଏବଂ ଅଭିଜ୍ଞତା ଉପରେ ଗୁରୁତ୍ୱ ଦେଇଥିଲେ । ବିଶେଷକରି ଭାରତର ଅଭିଜ୍ଞତା ଏବଂ ଆହ୍ୱାନ ଉପରେ ସେ ଆଲୋକପାତ କରିଥିଲେ ।

ଡକ୍ଟର ମିଶ୍ର କହିଥିଲେ ଯେ, ସିକ୍କିମର ହିମବାହ ହ୍ରଦ ବିସ୍ଫୋରଣ ଜନିତ ବନ୍ୟା ବିପତ୍ତି ଉପରେ ଆଲୋଚନା ଏହି ଆହ୍ୱାନର ବ୍ୟାପକତା ଉପରେ ଧ୍ୟାନ କେନ୍ଦ୍ରିତ କରିଛି । ବାସ୍ତବରେ




ଦକ୍ଷିଣ ଲୋନାକ୍ ଜିଏଲ୍ଓଏଫ୍ ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ ଥିଲା । ଏଭଳି ବିପର୍ଯ୍ୟୟର ମୁକାବିଲା ଲାଗି ପ୍ରଭାବଶାଳୀ ରଣନୀତି ଜରୁରୀ । ବିପର୍ଯ୍ୟୟ ବିପଦ ହ୍ରାସ କେବଳ ବିପର୍ଯ୍ୟୟ ମୁକାବିଲା ନୁହେଁ ବରଂ ସହନଶୀଳ ପଦକ୍ଷେପ ବିକଶିତ କରିବା ଉପରେ ଆଧାରିତ । ଏ ଦିଗରେ ଭାରତର ପ୍ରତିବଦ୍ଧତା ସୀମା ବାହାରେ ମଧ ପ୍ରସାରିତ । ତେଣୁ ଭୁଟାନ, ନେପାଳ ପେରୁ, ସୁଇଜରଲ୍ୟାଣ୍ଡ, ତାଜିକିସ୍ତାନ ଭଳି ଦେଶର ଜିଏଲ୍ଓଏଫ୍ ବିଶେଷଜ୍ଞଙ୍କ ସହ ଜଡ଼ିତ ହେବା ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଉଜାଗର କରିଛି । ଦକ୍ଷିଣ ଲୋନାକ ହ୍ରଦରୁ ବିପଦ ହ୍ରାସ କରିବା ଲାଗି ପୂର୍ବର ପ୍ରୟାସ ସଫଳ ହୋଇପାରି ନ ଥିଲା । ରାଜ୍ୟ ଏବଂ କେନ୍ଦ୍ରୀୟ ଏଜେନ୍ସିଙ୍କ ମଧ୍ୟରେ ଦାୟିତ୍ୱ ବିସ୍ତାର ବେଳେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା ବୋଲି ସେ ପ୍ରକାଶ କରିଛନ୍ତି । ଭାରତ ସରକାର ବିପର୍ଯ୍ୟୟ ହ୍ରାସ କମିଟି (ସିଓଡିଆରଆର) ନାମରେ ଏକ ସମନ୍ୱୟ ମଞ୍ଚ ଆରମ୍ଭ କରିଛନ୍ତି । ସମନ୍ୱିତ ପ୍ରୟାସ ଫଳରେ ସର୍ବେକ୍ଷଣ କରାଯାଇଥିବା ମୋଟ ୭,୫୦୦ ଉଚ୍ଚ ବିପଦପୂର୍ଣ୍ଣ ହିମବାହ ହ୍ରଦ ମଧ୍ୟରୁ ପ୍ରାୟ ୨୦୦ଟିର ଗତିଶୀଳ ତାଲିକା ପ୍ରସ୍ତୁତ କରାଯାଇଛି । ସିକ୍କିମର ୪୦ଟି ନିର୍ଦ୍ଦିଷ୍ଟ ହ୍ରଦ ମଧ୍ୟରୁ ୧୮ଟିର ପରିଦର୍ଶନ କରାଯାଇଥିଲା । ସେଥିରୁ ୫ଟି ହ୍ରଦରେ ପ୍ରଶମନ ପଦକ୍ଷେପ ପାଇଁ ଯୋଜନା ଆରମ୍ଭ କରାଯାଇଛି । ୪ଟି ରାଜ୍ୟ ପାଇଁ ୧୫୦ କୋଟି ଟଙ୍କା ଆବଣ୍ଟନ କରାଯିବା ସହ ଜାତୀୟ ଜିଏଲ୍ଓଏଫ୍ ବିପଦ ପ୍ରଶମନ କାର୍ଯ୍ୟକ୍ରମ ନିମନ୍ତେ ଭାରତ ସରକାରଙ୍କ ଅନୁଦାନ ମିଳିବ ବୋଲି ଡକ୍ଟର ମିଶ୍ର କହିଛନ୍ତି ।

ସେ କହିଥିଲେ ଯେ, କେନ୍ଦ୍ରୀୟ ବୈଜ୍ଞାନିକ ଅନୁଷ୍ଠାନ ଗୁଡିକର ନିରନ୍ତର ସମର୍ଥନ ସହିତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡିକ ହିମ ପର୍ବତ ଏବଂ ହିମବାହ ହ୍ରଦ ସମ୍ବନ୍ଧୀୟ ତଦାରଖ ଏବଂ ପ୍ରଶମନ ପ୍ରୟାସର ନେତୃତ୍ୱ ନେବା ଆବଶ୍ୟକ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଗୁଡିକୁ ସୁଦୃଢ଼ କରିବା ପ୍ରଭାବୀ ଢ଼ଙ୍ଗରେ ମୁକାବିଲା କରିବା ଲାଗି ଆମର କ୍ଷମତାକୁ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ହେବ । ଏହି ପ୍ରଭାବିତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକରେ ଜିଏଲଓଏଫ ବିପଦ ହ୍ରାସ ପାଇଁ ଏକ ଉତ୍ସର୍ଗୀକୃତ ଆର୍ଥିକ ୱିଣ୍ଡୋ ରଖିବା ପାଇଁ ଅଭିନବ ଉପାୟ ବିଷୟରେ ଚିନ୍ତା କରିବାର ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ । ଏହି ପଦକ୍ଷେପ ଆମର ଜଳ ସୁରକ୍ଷାକୁ ସୁରକ୍ଷିତ ରଖିବାରେ ସହାୟକ ହେବ କାରଣ ଆମର ହିମପର୍ବତ ଗୁଡିକର ସ୍ୱାସ୍ଥ୍ୟ ବାସ୍ତବରେ ଏହାର କେନ୍ଦ୍ରରେ ରହିଛି ।

# ଏମ୍.ସି.ଏଲ୍‌କୁ ଉତ୍ତମ ପ୍ରଦର୍ଶନ ପାଇଁ ପ୍ରଶଂସା କଲେ କୋଇଲା ସଚିବ ଓ କୋଲ୍ ଇଣ୍ଡିଆ ଅଧ୍ୟକ୍ଷ








ବୁର୍ଲା : କେନ୍ଦ୍ର କୋଇଲା ସଚିବ ବିକ୍ରମ ଦେବ ଦତ୍ତ ଓ କୋଲ୍ ଇଣ୍ଡିଆ ଅଧ୍ୟକ୍ଷ ପି.ଏମ୍ ପ୍ରସାଦ ଏମସିଏଲ୍‌ର ଉତ୍ପାଦନ, କୋଇଲା ଚାଲାଣ ଏବଂ ଅନ୍ୟାନ୍ୟ କାମରେ ଭଲ ପ୍ରଦର୍ଶନ ପାଇଁ ପ୍ରଶଂସା କରିଛନ୍ତି । ପୂର୍ବରୁ ଏଥି ପାଇଁ ବିଭାଗୀୟ ରାଷ୍ଟ୍ର ମନ୍ତ୍ରୀ ଏମ୍.ସି.ଏଲ୍‌କୁ ପ୍ରଶଂସା କରିଥିଲେ ।

ନିକଟରେ ଏମସିଏଲ୍ ପରିଦର୍ଶନରେ ଆସିଥିବା କେନ୍ଦ୍ର କୋଇଲା ସଚିବ ବିକ୍ରମ ଦତ୍ତ କୋଲ୍ ଇଣ୍ଡିଆର ସୁବର୍ଣ୍ଣ ଜୟନ୍ତୀ ଅବସରରେ ବୁର୍ଲା ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ, ଦେଶର ଶକ୍ତି ଚାହିଦା ମେଣ୍ଟାଇବା ସହିତ ଦେଶର ଅଭିବୃଦ୍ଧି ସକାଶେ ଦାୟିତ୍ୱବାନ ଖଣି ଖନନର ଆବଶ୍ୟକତା ବର୍ତ୍ତମାନର ଆହ୍ୱାନ । ରାଷ୍ଟ୍ରର ବିକାଶରେ କୋଲ୍ ଇଣ୍ଡିଆ ତାର ସକରାତ୍ମକ ଭାଗିଦାରୀ ପରିପ୍ରେକ୍ଷୀରେ ଆଗକୁ ବି ନିଜର ପ୍ରତିବଦ୍ଧତା ବଜାୟ ରଖିବ ।

ସେ କୋଇଲା ଉତ୍ପାଦନରେ କ୍ରମାଗତ ଅଭିବୃଦ୍ଧି ପାଇଁ ଏମ୍ସିଏଲ୍‌କୁ ପ୍ରଶଂସା କରି କହିଥିଲେ ଯେ, ଏହା କୋଲ୍ ଇଣ୍ଡିଆର ପ୍ରଦର୍ଶନର ଆଧାର ଅଟେ । ସେହିପରି କୋଭିଡ ମୁକାବିଲାରେ ଏମ୍ସିଏଲ୍‌ର ଅବଦାନକୁ ସେ ଆଲୋକପାତ କରି ପ୍ରଶଂସା କରିଥିଲେ । ଏହି ଅବସରରେ ସେ ବିବେକପୂର୍ଣ୍ଣ ଖଣି ଖନନର ବାର୍ତ୍ତାକୁ ଦୋହରାଇ ସେ ପରିବେଶ ଅନୁକୂଳ ଖନନ ଉପରେ ଗୁରୁତ୍ୱାରୋପ କରିଥିଲେ । ତେବେ, କୋଇଲା ଉତ୍ପାଦନ ଆଳରେ ଦେଶର ଜାତୀୟ ସଂପତ୍ତି ତଥା ସ୍ଥାନୀୟ ଅଧିବାସୀଙ୍କୁ ଗୌଣ କରାଯାଇ ପାରିବ ନାହିଁ ବୋଲି ସେ ଉଲ୍ଲେଖ କରିଥିଲେ ।

ଏଥିରେ କୋଲ୍ ଇଣ୍ଡିଆର ଅଧ୍ୟକ୍ଷ ପି.ଏମ୍ ପ୍ରସାଦ ମଧ ଯୋଗଦେଇ ଏମ୍ସିଏଲ୍‌କୁ ତାର ପାରଦର୍ଶିତା ପାଇଁ ପ୍ରଶଂସା କରି ବିବିଧି କରଣ ବଦଳରେ ବ୍ୟବସାୟୀକ ପରିଦୃଶ୍ୟ ପାଇଁ ରଣନୀତି ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏମ୍ସିଏଲ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଉଦୟ ଏ. କାଓଲେ ସ୍ୱାଗତ ଭାଷଣ ଦେଇ କଂପାନିର ପ୍ରତିବଦ୍ଧତାକୁ ପୁଣି ଦୋହରାଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଇଲା ମନ୍ତ୍ରାଳୟ ଯୁଗ୍ମ ସଚିବ ଏସ୍.କେ. କାଶିଙ୍କ ସମେତ ଏମ୍ସିଏଲ୍‌ର ସମସ୍ତ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ । ଶ୍ରୀ ଦତ୍ତ ତାଙ୍କ ଗସ୍ତ ଅବସରରେ ଏମସିଏଲ୍‌ର କାର୍ଯ୍ୟର ସମୀକ୍ଷା କରିବା ସହିତ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ଏରିଆ ଏବଂ ଇବ୍ ଭ୍ୟାଲି ୱାସେରୀ ପରିଦର୍ଶନ କରିବା ସହିତ ବିଭିନ୍ନ ଖନନ କାର୍ଯ୍ୟର ନିରୀକ୍ଷଣ କରିଥିଲେ । ସେଠାରେ ଅନ୍ୟମାନଙ୍କ ଗହଣରେ ଚାରା ରୋପଣ କରିଥିଲେ ।

ଏହାଛଡ଼ା ଶ୍ରୀ ଦତ୍ତ କୋଇଲା ଉତ୍ପାଦନ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ । ପୁରସ୍କାର ପାଇଥିବା କର୍ମଚାରୀଙ୍କ ମଧ୍ୟରେ ଏସ୍କଭେଟର୍ ଅପରେଟର୍ ଅନୀଲ ଗଣ୍ଡ, ଡ୍ରୋଜର୍ ଅପରେଟର୍ ରାଜୁ କୀଶାନ, ଡୋଜର୍ ଅପରେଟର ରାଧାକାନ୍ତ ମେହେର, ସରଫେସ୍ ମାଇନର ଅପରେଟର୍ ଉପେନ୍ଦ୍ର ସାହା, ସିନିୟର ଓଭରମେନ୍ କେ.ଏମ. ଶଙ୍କର ରାଏଙ୍କ ସମେତ ଠିକା କମ୍ପାନି ମହାଲକ୍ଷ୍ମୀ-ସାକାର ଜେଭିର ଏସ୍କାଭେଟର୍ ଅପରେଟର ବୀରେନ୍ଦ୍ର କୁମାର ପଣ୍ଡିତ ଓ ସୁପରଭାଇଜର୍ ଲିଙ୍ଗରାଜ ରେଡ୍ଡି, ଏମ୍ଏଲ୍ପିଏଲ୍‌ର ଟିପର ଅପରେଟର୍ ତୁଳେଶ୍ୱର ପ୍ରସାଦ, ଡିଏସ୍ପିଏଲ୍-ସିଆଇପିଏଲ୍ ଜେଭିର ପେ-ଲୋଡର୍ ଅପରେଟର ରାଫେଲ ଜୋଜୋ, ଭିଏଫ୍-ପିଏଲ୍‌ର ସରଫେସ୍ ମାଇନର ଅପରେଟର ଅମନ ସିଂହ ରହିଛନ୍ତି । ଓରିଏଣ୍ଟ କ୍ଷେତ୍ର ଅନ୍ତର୍ଗତ ୪– ନମ୍ବର ଭୂତଳ କୋଇଲା ଖଣିଠାରେ ୨ ହେକ୍ଟର ଜମି ଉପରେ ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚରେ ନବ ନିର୍ମିତ ଚନ୍ଦ୍ରଶେଖର ଆଜାଦ ଇକୋ ପାର୍କ ପ୍ରଥମ ଭାଗକୁ କୋଇଲା ସଚିବ ବିକ୍ରମ ଦେବ ଦତ୍ତ ଲୋକାର୍ପଣ କରିଥିଲେ ।





## ଏ ସଂଖ୍ୟାରେ..


ସୁସ୍ଥ ଶରୀର ପାଇଁ ମହୁ


ଆଜ୍ମା ରୋଗୀଙ୍କ ପାଇଁ ଭିଟାମିନ୍ -ସି


ଉପକାରୀ ପୋଦିନା


କର୍କଟ ଦୂରକରେ କଦଳୀ ଚୋପା


ଭଜା ବୁଟର ଔଷଧୀୟ ଗୁଣ


ଗୋଲମରିଚର ଉପକାରିତା

# ମୋଦିଙ୍କ ଶାସନରେ କମିଛି ମଧ୍ୟବିତ୍ତଙ୍କ ମୁଣ୍ଡରୁ ଟିକସ ବୋଝ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ୧୦ ବର୍ଷର ଶାସନ ସମୟରେ ମଧ୍ୟବିତ୍ତଙ୍କ ମୁଣ୍ଡରୁ କମିଛି ଟିକସ ବୋଝ । ଯେଉଁ ବ୍ୟକ୍ତିମାନେ ବାର୍ଷିକ ୨୦ ଲକ୍ଷରୁ କମ ଟଙ୍କା ଆୟ କରନ୍ତି, ସେମାନେ ମଧ୍ୟବିତ୍ତ ବର୍ଗର ଲୋକ ଭାବେ ବିବେଚିତ ହୁଅନ୍ତି । ଏହି ବର୍ଗରେ ଥିବା ଲୋକଙ୍କ ମୁଣ୍ଡରୁ ଟିକସ ବୋଝ ମୋଦିଙ୍କ ପ୍ରଥମ ୧୦ ବର୍ଷର ଶାସନ ମଧ୍ୟରେ ହ୍ରାସ ପାଇଛି । ଅନ୍ୟପଟେ ମୋଦିଙ୍କ ୧୦ ବର୍ଷର ଶାସନ ମଧ୍ୟରେ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କ ଟିକସ ଫାଇଲ କରିବାର ସଂଖ୍ୟା ମଧ ବୃଦ୍ଧି ପାଇଛି । ପୂର୍ବ ତୁଳନାରେ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକମାନେ ଅଧିକ ସଂଖ୍ୟାରେ ଆୟକର ଫାଇଲ କରୁଛନ୍ତି । ଆୟକର ଟିକସ ରିଟର୍ଣ୍ଣ(ଆଇଟିଆର) ଫାଇଲ ତଥ୍ୟ ଅନୁସାରେ, ୨୦୨୩-୨୪ରେ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କ ସଂଖ୍ୟା ୯.୩୯ ଲକ୍ଷକୁ ବୃଦ୍ଧି ପାଇଛି । ଏହା ୨୦୧୩-୧୪ ତୁଳନାରେ ୫ ଗୁଣ ଅଧିକ । ୨୦୧୩-୧୪ରେ ୧.୮୫ ଲକ୍ଷ ଲୋକ ସେମାନଙ୍କ ଆୟ ୫୦ ଲକ୍ଷରୁ ଅଧିକ ଥିବା କହିଥିଲେ । ଏଥିସହ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କ ଆୟକର ଟିକସ ପରିମାଣ ମଧ୍ୟ ୩.୨ ଗୁଣ ଅଧିକ ରହିଛି । ୨୦୧୪ରେ ଏହା ୨.୫୨ ଲକ୍ଷ ଥିବା ବେଳେ ୨୦୨୪ରେ ଏହା ୯.୬୨ ଲକ୍ଷ କୋଟିରେ ପହଞ୍ଚିଛି । ଗୋଟିଏ ସୂତ୍ରରେ କୁହାଯାଇଛି ଯେ ସଂଗ୍ରହ ହେଉଥିବା ମୋଟ ଟିକସ ମଧ୍ୟରୁ ୭୬% କେବଳ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କଠାରୁ ଆଦାୟ ହୋଇଛି । ଏହାଦ୍ୱାରା ମଧ୍ୟବିତ୍ତଙ୍କ ମୁଣ୍ଡ ଉପରେ ରହିଥିବା ଟିକସ ବୋଝ ଆଶାତୀତ ଭାବେ ହ୍ରାସ ପାଇଛି । ମୋଦି ସରକାର ଲାଗୁ କରିଥିବା ଶକ୍ତିଶାଳୀ ଟିକସ ଚୋରି ନିରୋଧ ଆଇନ ଓ କଳା ଟଙ୍କା ଆଇନ ଯୋଗୁଁ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କ ରିଟର୍ଣ୍ଣ ଫାଇଲ କରିବା ସଂଖ୍ୟା ମଧ ବୃଦ୍ଧି ପାଇଛି ।

ଏହି ସୂତ୍ରରେ ଆହୁରି କୁହାଯାଇଛି ଯେ ୨୦୧୪ରେ ବାର୍ଷିକ ୨ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କୁ ମଧ ଆୟକର ଟିକସ ଦେବାକୁ ପଡୁଥିଲା । ହେଲେ ମୋଦି ସରକାର ଘୋଷଣା କରିଥିବା ବିଭିନ୍ନ ପ୍ରକାରର ଆୟକର ଛାଡ଼ ଓ ହ୍ରାସ ନିଷ୍ପତ୍ତି ଯୋଗୁଁ ଏବେ ୭ ଲକ୍ଷ ଟଙ୍କା ଯାଏ ଆୟ କରୁଥିବା ଲୋକଙ୍କୁ କୌଣସି ଟିକସ ଦେବାକୁ ପଡୁ ନାହିଁ । ୨୦୧୪ରେ ୧୦ ଲକ୍ଷ ଟଙ୍କାରୁ କମ୍ ଆୟ କରୁଥିବା ଲୋକଙ୍କ ଟିକସ ପରିମାଣ ମୋଟ ଆଦାୟର ୧୦.୧୭% ରହିଥିଲା । କିନ୍ତୁ ୨୦୨୪ରେ ଏହା ୬.୨୨%କୁ ଖସି ଆସିଛି । ୨.୫ ଲକ୍ଷରୁ ୭ ଲକ୍ଷ ଟଙ୍କା ଯାଏ ଆୟ କରୁଥିବା ଲୋକଙ୍କ ଆୟକର ଦେୟ ପରିମାଣ ୨୦୨୩-୨୪ରେ ପ୍ରାୟ ୪୩ ହଜାର ଟଙ୍କା ରହିଛି । ଏହା ସେମାନଙ୍କ ଆୟର ୪ରୁ ୫ ପ୍ରତିଶତ । ଏହା ଏମର୍ଜି ଅର୍ଥନୀତି ମଧ୍ୟରେ ସବୁଠାରୁ କମ । ୧୦ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତିକୁ ହିସାବକୁ ନେବା ପରେ ୧୦ରୁ ୨୦ ଲକ୍ଷ ଟଙ୍କା ଯାଏ ଆୟ କରୁଥିବା ଲୋକଙ୍କ ଟିକସ ହ୍ରାସ ପ୍ରାୟ ୬୦% ହୋଇଛି । ୨୦୧୩-୧୪ରେ ପ୍ରାୟ ୩.୬୦ କୋଟି ଲୋକ ଆୟକର ଫାଇଲ କରୁଥିବା ବେଳେ ୨୦୨୩-୨୪ରେ ଏହା ୭.୯୭ କୋଟିରେ ପହଞ୍ଚିଛି । ଏହାର ଅର୍ଥ ଏଥିରେ ୧୨୧ ପ୍ରତିଶତ ବୃଦ୍ଧି ହୋଇଛି ।

## ପଦ୍ମଶ୍ରୀ ମିତ୍ରଭାନୁଙ୍କ ପୁତ୍ର ବିୟୋଗ

ସମ୍ବଲପୁର: ପ୍ରସିଦ୍ଧ ରଙ୍ଗବତୀ ଗୀତର ଗୀତିକାର ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଏକମାତ୍ର ପୁତ୍ର ସତ୍ୟବ୍ରତ ଗୌନ୍ତିଆ(୪୭)ଙ୍କ ତାଙ୍କ ରଙ୍ଗବତୀ



ବିଲୁଙ୍ଗ ଗ୍ରାମରେ ଦେହାନ୍ତ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୦ ବର୍ଷ ହୋଇଥିଲା । ସେ ତାଙ୍କ ପିତା-ମାତା, ପତ୍ନୀ ଓ ଦୁଇ କନ୍ୟାଙ୍କୁ ଛାଡି ଯାଇଛନ୍ତି । ଗତ କିଛିଦିନ ହେବ ସେ ଅସୁସ୍ଥ ଥିଲେ । କିଛି ଦିନ ପୂର୍ବେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ବୁର୍ଲାର ଏକ ଘରୋଇ ହସ୍ପିଟାଲ ଓ ପରେ ଭୁବନେଶ୍ୱର ଏମ୍ସ ଓ କିମସ୍‌କୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ସ୍ୱାସ୍ଥ୍ୟବସ୍ଥା ସୁଧୁରିବା ପରିବର୍ତ୍ତେ ଅଧିକ ସଙ୍କଟାପନ୍ନ ହେବାରୁ ନିଜ ଗାଁ ଘରକୁ ନେଇ ଆସିଥିଲେ । ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିବା ସାଙ୍ଗକୁ ମିତ୍ରଭାନୁ ଗୌନ୍ତିଆଙ୍କୁ ସମବେଦନା ଜଣାଇଛନ୍ତି ।

## ଜିଲ୍ଲାସ୍ତରୀୟ ଶିଶୁ ଦିବସ ଓ ଦୋକାନ ଯାତ୍ରା କାର୍ଯ୍ୟକ୍ରମ

ଝାରସୁଗୁଡ଼ା: ସ୍ଥାନୀୟ ଏମସିଏଲ୍ କମ୍ୟୁନିଟି ହଲ୍ ଠାରେ ଶିଶୁ ଦିବସ ଅବସରରେ ଦୋକାନ ଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥଲା । ଜିଲ୍ଲାର ୬୨ଟି ଉଚ୍ଚବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଓ ବିଧାୟକ ଟଙ୍କଧର ତ୍ରିପାଠୀ ଏଥିରେ ଅତିଥି ଭାବେ ଯୋଗ



ଦେଇଥିଲେ । ବିଦ୍ୟାଳୟସ୍ତରରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ସୃଷ୍ଟି କରିବା ଓ ଶିକ୍ଷାଗ୍ରହଣ ସହିତ ଅବସର ସମୟରେ କିଛି ନିଆରା କରିବାର ମନୋବୃତ୍ତିକୁ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ବୋଲି ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ଉଲ୍ଲେଖ କରିଛନ୍ତି । ଏହି ଅବସରରେ ଆୟୋଜିତ ୬୨ଟି ଷ୍ଟଲରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ହସ୍ତକଳା, ଅଦରକାରୀ ବସ୍ତୁରୁ କଳାତ୍ମକ କୃତି, ସାଜସଜ୍ଜା ବସ୍ତୁ, କପଡ଼ାରୁ ପ୍ରସ୍ତୁତ ସମ୍ବଲପୁରୀ ଗହଣା, ଚାରା ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା । ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ସମ୍ବଲପୁରୀ ଧନୁଯାତ୍ରା ପାଣ୍ଡୁଲିପିର ସମଲେଶ୍ୱରୀ ମନ୍ଦିରରେ ପୂଜା

ସମ୍ବଲପୁର : ଆସନ୍ତା ଜାନୁଆରୀ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରରେ ହେବାକୁ ଥିବା ସମ୍ବଲପୁରୀ ଧନୁଯାତ୍ରା ପାଣ୍ଡୁଲିପିର ସମଲେଶ୍ୱରୀ ମନ୍ଦିର ଠାରେ ପୂଜାର୍ଚ୍ଚନା କରାଯାଇଛି । ଧନୁଯାତ୍ରା ଆୟୋଜନ କମିଟିର ସଭାପତି ସଞ୍ଜୟ ବାବୁଙ୍କ ନେତୃତ୍ୱରେ ନିର୍ଦ୍ଦେଶକ ବବ୍‌ଲୁ ବାଗ୍‌ଙ୍କର ଦ୍ୱାରା ଲିଖି ପାଣ୍ଡୁଲିପିକୁ ମାଁ



ସମଲେଇଙ୍କ ପାଖରେ ପୂଜା ଅର୍ଚ୍ଚନା କରାଯାଇଥିଲା । ଏହି ସମୟରେ କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପଣ୍ଡା, ସମ୍ପାଦକ ଗୁଣରଞ୍ଜନ ସାଲିମା, ବରିଷ୍ଠ ସଭ୍ୟ ସୂର୍ଯ୍ୟ ପାଣିଗ୍ରାହୀ, ଯୋଗେଶ ନନ୍ଦ, ସୌରୀ ନାରାୟଣ ପାଣିଗ୍ରାହୀ, ଶଙ୍କର ବେହେରା, ଲଳିତ ବେବର୍ତ୍ତା, ଲିଲିମା ବାଗ, ସୁରେଖା ସାହୁ, କୃଷ୍ଣ ଚନ୍ଦ୍ର ବାଗ, ଚୈତନ୍ୟ ନାୟକ, ଅନମୋଲ ଦାସ, ସନ୍ତୋଷ ରାୟଗୁରୁ, ଜୟକୃଷ୍ଣ ବେହେରା, ରାମଦାସ ପଣ୍ଡା, ବିପ୍ଳବ ତନସେନା, ଶ୍ରବଣ ପତି, ଘୁନୁ ଚରଣ ପାଢ଼ୀ ଓ କିଶୋର ଧରେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଫଟୋଗ୍ରାଫର୍ସ ଆସୋସିଏସନ୍‌ର ଫଟୋଗ୍ରାଫର ମିଟ୍

ସମ୍ବଲପୁର: ସମ୍ବଲପୁର ଫଟୋଗ୍ରାଫର୍ସ ଆସୋସିଏସନ୍ ତରଫରୁ ଫଟୋଗ୍ରାଫର୍ ମିଟ୍ ଆୟୋଜିତ ହୋଇଯାଇଛି । ଏଥିରେ ସହରର ୫୦ରୁ ଉର୍ଦ୍ଧ୍ୱ ଫଟୋଗ୍ରାଫର୍ ଯୋଗ ଦେଇଥିଲେ । ପ୍ରଥମେ ମାଁ ସମଲେଇ ପାଖରେ ପୂର୍ବତନ ସଭାପତି ଡମ୍ବରୁଧର ପ୍ରଧାନ, ପୂର୍ବତନ ସମ୍ପାଦକ ସତ୍ୟଜିତ୍ ପଣ୍ଡା, ପୂର୍ବତନ କୋଷାଧକ୍ଷ ମୋହମ୍ମଦ ଇକ୍‌ବାଲ ଏବଂ ସଭାପତି ଅକ୍ଷୟ କୁମାର ପଣ୍ଡା, ଉପସଭାପତି ବିପିନ୍ ବିହାରି ନାୟକ, ସମ୍ପାଦକ ତପନ୍ ଦାସ, ଉପସମ୍ପାଦକ ନରେଶ ସିଂ, କୋଷାଧକ୍ଷ ନିକେତ୍ ମେହେତା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ । ଉପଦେଷ୍ଟା ସଭ୍ୟଗଣ ଆଶିଷ କୁମାର ପ୍ରଧାନ, ମାନସ ରଞ୍ଜନ ମିସ୍ତ୍ରୀ, ଅଶୋକ କୁମାର ରାଉତ୍, ଅଶୋକ ପଟେଲ, ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ସଭ୍ୟମାନେ ମଧ ନିଜ ନିଜର ପରିଚୟ ଦେଇ ନିଜ ସୁବିଧା ଅସୁବିଧା ସଭାପତିଙ୍କୁ ଜଣାଇଥିଲେ । ଶେଷରେ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ପୂର୍ତ୍ତ ବିଭାଗର ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ

ସମ୍ବଲପୁର : ପୂର୍ତ୍ତ ବିଭାଗର ଉତ୍ତରାଞ୍ଚଳ ମଣ୍ଡଳରେ ଖାଲି ପଡିଥିବା ବିଭିନ୍ନ ପଦପଦବୀ ପୂରଣ ଏବଂ ସମସ୍ୟାର ସମାଧାନ ପାଇଁ ଶ୍ରମିକ ନେତା ରତି ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଏକ ପତ୍ରରେ କହିଛନ୍ତି ଯେ, ଏହି ସାର୍କେଲର ଚିଫ୍ କନଷ୍ଟ୍ରକ୍‌ସନ ଇଞ୍ଜିନିୟର ପଦବୀ ଦୀର୍ଘ ଦିନ ହେବ ଖାଲି ପଡିଥିଲେ ମଧ ଏହା ପୂରଣ କରାଯାଉ ନାହିଁ । ସେହିପରି ଅଧିକ୍ଷଣ ଯନ୍ତ୍ରୀ ମାନସ ରଞ୍ଜନ ସେଠ୍ ପଦୋନ୍ନତି ପାଇଥିଲେ ମଧ ତାଙ୍କୁ କୌଣସି ଯାଗାରେ ନିଯୁକ୍ତି ଦିଆ ନ ଯିବା ଫଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ସେହିପରି କମ୍ପ୍ୟୁଟର ଅପରେଟର ଏବଂ ରାତ୍ର ଯଗୁଆଲି ପଦବୀ ମଧ ଖାଲି ପଡିଛି । ୯ଟି ଅଫିସ୍ ସହାୟକ ପଦବୀ ମଧ ପୂରଣ ହୋଇ ନାହିଁ । ଏହାଛଡ଼ା ୧୪ ଟି ଜୁନିଅର ଇଞ୍ଜିନିଅର ପଦ ଖାଲି ପଡିଛି । ଫଳରେ ଏହି ମଣ୍ଡଳ ଅଧିନରେ ସ୍ୱାଭାବିକ କାର୍ଯ୍ୟ ବ୍ୟାହତ ହେବା ସାଙ୍ଗକୁ ଉନ୍ନୟନମୂଳକ କାର୍ଯ୍ୟ ଆଗେଇ ପାରୁନାହିଁ । ତେଣୁ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଏହି ମଣ୍ଡଳର ସମସ୍ୟାଗୁଡିକର ସମାଧାନ କରିବା ପାଇଁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି ।

## ଝାରସୁଗୁଡ଼ା ଡିଏଭିରେ ତ୍ରିଦିବସୀୟ ଶିଶୁ ମହୋତ୍ସବ ଉଦଯାପିତ

ଝାରସୁଗୁଡ଼ା: ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ତ୍ରିଦିବସୀୟ ଶିଶୁ ମହୋତ୍ସବ ଉଦଯାପିତ ହୋଇଯାଇଛି । ଡିଏଭି ତରଫରୁ ଶିଶୁ ମହୋତ୍ସବ ସାଙ୍ଗକୁ କ୍ୟାରିଅର କନେକ୍ଟ, ଷ୍ଟାର୍ଟ ଅପ ଏକ୍ସପ୍ରେସ, ପୁସ୍ତକ ମେଳା, ଜେଜେବାପା ଜେଜେମା ସମ୍ମିଳନୀ, ଫୁଡ୍ ଫେଷ୍ଟ, ସାହିତ୍ୟ ସମ୍ମିଳନୀ, ପ୍ରଦର୍ଶନୀ ପରି ମେଗା ଇଭେଣ୍ଟ ଆୟୋଜିତ ହୋଇଥିଲା । ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ବେଦାନ୍ତ ଲିମିଟେଡ଼ ଚିଫ ହ୍ୟୁମାନ ରିସୋର୍ସ ଅଫିସର ପଙ୍କଜ ସୁରେକା ଓ ଉଦଯାପନୀ ଉତ୍ସବରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଶ୍ରୀ ତ୍ରିପାଠୀ ବୋଇତ ବନ୍ଦାଣ କରିଥିଲେ । ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟରୁ ଅବସରପ୍ରାପ୍ତ ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡା, ମନ୍ଦାକିନୀ ଶତପଥି, ଅଧକ୍ଷ ଶ୍ରୀ ପଣ୍ଡାଙ୍କ ସହଧର୍ମିଣୀ ପୁଷ୍ପାଞ୍ଜଳି ପଣ୍ଡା, ତାପସ ରାୟ ଚୌଧୁରୀ, ପ୍ରଣତି ପଟ୍ଟନାୟକ, ବିରେନ୍ଦ୍ର




ତିୱାରୀ, ବାଳ ଗୋବିନ୍ଦ ମିଶ୍ର, ଗୌରୀ ଶଙ୍କର ତିୱାରୀ, ଡ. ସରୋଜ କୁଅଁର, ଡ. ସ୍ୱର୍ଣ୍ଣମୟୀ ପୁରୋହିତ ଆଦି ବିଶେଷ ଅତିଥି ଭାବରେ ଯୋଗ ଦେଇଥିଲେ । ସାହିତ୍ୟ ସମ୍ମିଳନୀ ଅବସରରେ ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ପ୍ରଫେସର ଗୌରପ୍ରିୟା ଦାଶ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଜୟନ୍ତ କର ଶର୍ମା, ଟିଟିଲାଗଡ଼ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଛାୟାକାନ୍ତ ଷଡ଼ଙ୍ଗୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର କାଳିଦାସ ମିଶ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମ ଭୋଇ ଚେୟାର ପ୍ରଫେସର ଡ. ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ସାହିତ୍ୟ ଚର୍ଚ୍ଚା କରିବା ସହ ମାର୍ଗଦର୍ଶନ କରିଥିଲେ । ଖେଳଣା ତିଆରି, ଗୀତ, ନାଚ, ପ୍ରଦର୍ଶନୀ, ଅଦରକାରୀ ଦ୍ରବ୍ୟରୁ ଘରକରଣା ସାମଗ୍ରୀ ପ୍ରସ୍ତୁତି, ଖାନା ଖଜାନା, ରଙ୍ଗୋଲି, ଆଡ଼ ଶୋ, ବକ୍ତୃତା ଆଦି ଆକର୍ଷଣୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରିଶେଷରେ ସିଦ୍ଧି ମହାପାତ୍ରଙ୍କୁ ବେଷ୍ଟ ସିଙ୍ଗର, ଇଶିତା ସେନଙ୍କୁ ବେଷ୍ଟ ଡ୍ୟାନ୍ସର୍, ସ୍ମୃତି ଫଲଗ୍ରା ପାଣିଙ୍କୁ ରନର୍ସ ଅପ ସିଙ୍ଗର ଓ ସାଇଶ୍ରୀ ସାମନ୍ତରାୟଙ୍କୁ ରନର୍ସ ଅପ ଡ୍ୟାନସର ଭାବରେ ବିଧାୟକ ଶ୍ରୀ ତ୍ରିପାଠୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଡ. ମଞ୍ଜୁଶ୍ରୀ ବେହୁରା, ଅଲେଖ ବିହାରୀ ସାହୁ, ଅଞ୍ଜଳି ବାଲସୁବ୍ରମନ୍ୟନ, ସୁକନ୍ୟା ମହାପାତ୍ର ପ୍ରମୁଖ ସଭା ସଞ୍ଚାଳନ କରିଥିଲେ ।

# ରାମାୟଣ କଥା : ପଞ୍ଚବଟୀର ପାଞ୍ଚ କଥ



## ଡ଼ଃ ପ୍ରମୋଦ କୁମାର ପଣ୍ଡା

ଦଣ୍ଡକାରଣ୍ୟ । ଘନଘୋର ଜଙ୍ଗଲ । ଅଗନା ଅଗନି ବନସ୍ତ । ଉଦଣ୍ଡ ରାକ୍ଷସଙ୍କ ଚରା ଭୂଇଁ । ଦଶାନନ ରାବଣ ବଳରେ ବଳୀୟାନ । ମୁନିଋଷିଙ୍କ ଯଜ୍ଞାଦି ଧର୍ମାନୁଷ୍ଠାନରେ ବିଘ୍ନ ଉପନ୍ନ କରିବା ସତେ ଯିମିତି ତାଙ୍କର ଜନ୍ମଗତ ଅଧିକାର ।

ପୌରାଣିକ କଥାନୁସାରେ ଦଣ୍ଡ ନାମକ ରଜ୍ୟ ଶାସନ କରୁଥିଲା ରାକ୍ଷସ ଦଣ୍ଡକ । ପରେ ଏହି ରାଜ୍ୟ ଲଙ୍କା ସମ୍ରାଜ୍ୟାନ୍ତର୍ଭୁକ୍ତ ହୋଇଥିଲା । ଲଙ୍କାପତି ରାବଣ ଅଧୀନକୁ ଆସିଥିଲା । ରାବଣ ତାର ସାବତ ଭାଇ ରାକା ପୁତ୍ର ଖର ଏବଂ ଦୂଷଣଙ୍କୁ ଦଣ୍ଡକାରଣ୍ୟର ରାଜ୍ୟପାଳ ଘୋଷିତ କରିଥିଲା । ନିବାସ ଓ ଶାସନାନୁମତି ପ୍ରଦାନ କରିଥିଲା ।

କୁହାଯାଏ ବନବାସର ଅଧିକାଂଶ ସମୟ ଦଣ୍ଡକାରଣ୍ୟରେ ବ୍ୟତୀତ କରିଥିଲେ ରାମଚନ୍ଦ୍ର, ସୀତା ଏବଂ ଲକ୍ଷ୍ମଣ । ପାଖାପାଖି ଦଶ ବର୍ଷ । ଦଣ୍ଡକାରଣ୍ୟର ଏକ ଅଂଶ ଥିଲା ପଞ୍ଚବଟୀ । ପାଞ୍ଚଟି ବଟ ବୃକ୍ଷର ସମାହାର । ସୁରମ୍ୟ କିନ୍ତୁ ଶଙ୍କାପନ୍ନ ଦଣ୍ଡକାରଣ୍ୟ ଏବଂ ପଞ୍ଚବଟୀ । ରାକ୍ଷସଙ୍କ ଉତ୍ପାତ ସହିତ ବନ୍ୟଜନ୍ତୁଙ୍କ ବିତ୍ପାତ । ପର୍ଣ୍ଣ କୁଟୀର ସହିତ ଏକ ଗୁପ୍ତ ଗୁମ୍ଫା ନିର୍ମାଣ କରିଥିଲେ ରାମଚନ୍ଦ୍ର ଓ ଲକ୍ଷ୍ମଣ ସୀତାଙ୍କ ସୁରକ୍ଷା ପାଇଁ । ଖାଦ୍ୟାନ୍ୱେଷଣରେ ଦିଭାଇ ବାହାରକୁ ଗଲେ ଦେବୀ ସୀତା ସେହି ଗୁମ୍ଫାରେ ନିଃଶଙ୍କ ଆଶ୍ରୟ ନେଉଥିଲେ ।

ଭଉଣୀ ସୂର୍ପଣଖାର ପତି ବିଦ୍ୟୁତଜିହ୍ୱାର ହତ୍ୟା ରାବଣ ନିଜେ କରିଥିଲା । ବିରହ ଓ କାମ ବେଦନା ବ୍ୟଥିତା ରାକ୍ଷସୀ ସୂର୍ପଣଖୀ ଓ ପୁତ୍ର ଜମ୍ବୁମାଳୀ ରାବଣର ପରାମର୍ଶାନୁକ୍ରମେ ଦଣ୍ଡକାରଣ୍ୟରେ ବାସ କରୁଥିଲେ । ପୁନର୍ବିବାହ ପାଇଁ ଏକ ସୁନ୍ଦର ଓ ଶକ୍ତିଶାଳୀ ସୁକୁମାର ତଲାସରେ ଥିଲା ସେ । ଦିନେ ହାଠାତ ରାମଚନ୍ଦ୍ରଙ୍କ ଉପରେ ତାର ଦୃଷ୍ଟି ପଡିଲା । ସାରା ବ୍ରହ୍ମାଣ୍ଡ ଯାହାଙ୍କ ରୂପରେ ମୋହିତ ରାକ୍ଷସୀ ସୂର୍ପଣଖୀ ସେଥିରୁ ବାଦ ଯିବ ଅବା କିପରି ? ତାର ଦୃଷ୍ଟି କିନ୍ତୁ ଥିଲା ଭିନ୍ନ । ଭକ୍ତିରେ ନୁହଁ, ବାସନରେ ବିବଶ ଥିଲା ସୂର୍ପଣଖୀ । ରାମଚନ୍ଦ୍ରଙ୍କ ବଳିଷ୍ଠ ବାହୁ ପ୍ରଶସ୍ତ ଛାତି ଆକର୍ଷିତ କଲା ତାକୁ । ମାୟାବିନୀ ରାକ୍ଷସୀ ରାଜନନ୍ଦିନୀ ରୂପେ ଉଭା ହେଲା ରାମଚନ୍ଦ୍ରଙ୍କ ସମ୍ମୁଖରେ । ପ୍ରେମ ନିବେଦନ କଲା । ବିବାହ କରିବାକୁ ପ୍ରସ୍ତାବ ଦେଲା । ନମ୍ର ଗଳାରେ 'ମୁଁ ବିବାହିତ' କହି ପ୍ରସ୍ତାବ ପ୍ରତ୍ୟାଖ୍ୟାନ କଲେ ରାମଚନ୍ଦ୍ର । ଲକ୍ଷ୍ମଣ ମଧ ତା ପ୍ରସ୍ତାବରେ ଅରାଜି ହେଲେ । ତୁମେ ନାରୀ ଜାତିର କଳଙ୍କ କହି ଭର୍ତ୍ସନା କଲେ । ଅପମାନିତ୍ୟୋକ୍ତା ରାକ୍ଷସୀ ନିଜର ଅସଲ ସ୍ୱରୂପ ଧାରଣ କରି ଦେବୀ ସୀତାଙ୍କୁ ଆକ୍ରମଣୋଦ୍ୟତ ହୁଅନ୍ତେ ଲକ୍ଷ୍ମଣ. ତାର ନାସିକା ଛେଦନ କଲେ । ତାର ରୂପ ବିକୃତ ହେଲା । ଗର୍ବ ଖର୍ବ ହେଲା । ପୌରାଣିକ ଘଟଣାନୁସାରେ ସୂର୍ପଣଖାର ନାସିକା ଛେଦନ କ୍ଷେତ୍ର ନିକଟବର୍ତ୍ତୀ ମହାରାଷ୍ଟ୍ର ରାଜ୍ୟର ଗୋଦାବରୀ ନଦୀତଟ ସ୍ଥିତ ଆଧୁନିକ ସହରର ନାମ ନାସିକ ପଡିଛି ।

ଲଜ୍ଜା, ଅପମାନ ଏବଂ କ୍ରୋଧ ଜର୍ଜରିତା ପ୍ରତିଶୋଧ ପରାୟଣା ରାକ୍ଷସୀ ସୂର୍ପଣଖୀ ତତକ୍ଷଣାତ ପଳାୟନ କଲା । ରାକ୍ଷସ ଭାଇ ଖର ଏବଂ ଦୂଷଣଙ୍କୁ ନିଜ ଦୁର୍ଦ୍ଦଶା ଜଣାଇଲା । ଭଉଣୀର ଏତାଦୃଶ ଅବସ୍ଥାରେ କ୍ରୋଧିତ ଖର ଦୂଷଣ ରାମଚନ୍ଦ୍ରଙ୍କୁ ସଦଳବଳେ ଆକ୍ରମଣ କଲେ । ତାଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ଲାଗିଲା । ପ୍ରଭୁ ରାମଚନ୍ଦ୍ରଙ୍କ ହାତରେ ରାକ୍ଷସ ସେନା ସହ ଖର ଦୂଷଣ ନିହତ ହେଲେ । ମୁକ୍ତି ଲାଭ କଲେ । ଭାଇଙ୍କ ମୃତ୍ୟୁରେ ସୂର୍ପଣଖାର କ୍ରୋଧାଗ୍ନି ବହ୍ନି ରୂପ ଧାରଣ କଲା । ଅନନ୍ୟୋପାୟ ମାୟାବିନୀ ରାକ୍ଷସୀ ଲଙ୍କାପତି ରାବଣର ଶରଣ ଗଲା । ବନବାସୀ ଭାଇଙ୍କ ବାହୁବଳ ଓ ସୀତାଙ୍କ ରୂପ ଲାବଣ୍ୟ ବଖାଣି ପ୍ରତିଶୋଧ ଯାଚନା କଲା ।

ସୂର୍ପଣଖାର ଦୟନୀୟ ଅବସ୍ଥା ଓ କୁରୂପ ଦର୍ଶନ କରନ୍ତେ ରାବଣର କ୍ରୋଧ ଅଶାନ୍ତ ସମୁଦ୍ରର ଜ୍ୱାର ସଦୃଶ କୂଳ ଲଂଘିବାକୁ ଲାଗିଲା । ସୂର୍ପଣଖୀ ବର୍ଣ୍ଣିତ ବିଷୟରୁ ନିଶ୍ଚିତ ହେଲା ଯେ ବନବାସୀ ଦିଭାଇ ଅଯୋଧ୍ୟାରୁ ନିର୍ବାସିତ ରାମ ଲକ୍ଷ୍ମଣ ଏବଂ ମିଥିଳା ନରେଶ ଜନକ ନନ୍ଦିନୀ ସୀତା । ଅବଦମିତ ଅପମାନର ପ୍ରତିଶୋଧ ଏବଂ ସୀତା ପ୍ରାପ୍ତିର ଦୁର୍ବାର ଲାଳସା ପୁଣିଥରେ ଉଜ୍ଜୀବିତ ହେବାକୁ ଲାଗିଲା । ବଳରେ ନୁହଁ, ଛଳରେ ସୀତା ହରଣର ପକ୍କା ଯୋଜନା ପ୍ରସ୍ତୁତିରେ ଲାଗିଲା ରାବଣ । ସୂର୍ପଣଖୀକୁ ସାନ୍ତ୍ୱନା ଦେଇ ଶାନ୍ତ କଲା ସିନା ନିଜର ଅନ୍ତର୍ଦାହକୁ ଆହୁତି ଦେଇ ଜୀବିତ ରଖିଲା ।

ମାରିଚକୁ ସୁବର୍ଣ୍ଣମାୟା ମୃଗ ରୂପ ଧାରଣ କରିବାକୁ ଆଦେଶ ଦେଲା କପଟୀ ରାବଣ । ମନ୍ଦୋଦରୀ ଏବଂ ମାରିଚ ରାମଚନ୍ଦ୍ର ସାଧାରଣ ମଣିଷ ନୁହନ୍ତି ସ୍ୱୟଂ ବିଷ୍ଣୁଙ୍କ ଅବତାର ବୋଲି ଯେତେ ବୁଝେଇଲେ ମଧ କର୍ଣ୍ଣପାତ କଲାନି । ମାରିଚ ସୁନା ମୃଗରେ ରୂପାନ୍ତରିତ କଲା ନିଜେ ନିଜକୁ । ସୁବର୍ଣ୍ଣ ହରିଣ ମୋହରେ ପଡିଲେ ଦେବୀ ସୀତା । ରାମଚନ୍ଦ୍ରଙ୍କୁ ଅନୁରୋଧ କଲେ ତାକୁ ଧରିବାକୁ । 'ମୃଗ ସୁନାର ହୁଅନ୍ତି ନାହିଁ । ଏହା ମାୟା ବ୍ୟତୀତ ଅନ୍ୟ କିଛି ନୁହେଁ । 'ଇମିତି କେତେ ବୁଝେଇଲା ପରେ ମଧ ସୀତାଙ୍କ ମନ ବୁଝିଲାନି । ଜିଦ୍ଦି କଲେ । ତାଙ୍କ ହଟରେ ଅଟଳ ରହିଲେ । ବାଧ ହେଲେ ରାମଚନ୍ଦ୍ର ମାୟା ପଛରେ ଧାଇଁବାକୁ । ଲକ୍ଷ୍ମଣଙ୍କୁ ସୀତାଙ୍କ ଦାୟିତ୍ୱ ସମର୍ପି ଅନୁଧାବନ କଲେ ମୃଗକୁ । ଘୋର ବଣରେ ଶର ନିକ୍ଷେପ କରନ୍ତେ ମାରିଚ 'ଲକ୍ଷ୍ମଣ ରକ୍ଷାକର ରକ୍ଷାକର' ଡ଼ାକ ଛାଡିଲା ରାମଙ୍କ ସ୍ୱରରେ । ଦେବୀ ସୀତା ନିଜ ପତିଙ୍କୁ ଶଙ୍କଟରୁ ଉଦ୍ଧାର କରିବାକୁ ଲକ୍ଷ୍ମଣଙ୍କୁ ବିବଶ କଲେ । କୁଟୀର ଚତୁର୍ପାର୍ଶ୍ୱରେ ଲକ୍ଷ୍ମଣ ରେଖା ଟାଣି ବାଧ ହେଲେ ବଡ଼ଭାଇଙ୍କ ବଚନ ଲଂଘିବାକୁ । ଭାବିମାଁଙ୍କ ଆଜ୍ଞା ମାନିବାକୁ ।

କୁଟୀରରେ ଏବେ ଏକଲା ସୀତା । ସୁଯୋଗାପେକ୍ଷାରେ ଥିବା ପାପଚାରି ରାବଣ ତପସ୍ୱୀ ବେଶରେ ଉପସ୍ଥିତ ହେଲା ସୀତାଙ୍କ କୁଟୀର ସମ୍ମୁଖରେ । ଡାକ ପାରିଲା, 'ଭିକ୍ଷାଂ ଦେହି' । ଅନୁରୋଧ କଲା ଖାଦ୍ୟ ଓ ବିଶ୍ରାମ ପାଇଁ । ଲକ୍ଷ୍ମଣ ରେଖା ଭିତରୁ ଫଳମୂଳ ଯାଚନ୍ତେ ରଘୁକୁଳ ରୀତିର ଦୁହାଇ ଦେଇ ସ୍ୱୟଂ ଆସି ସମର୍ପଣ କରିବାକୁ ବିନତି କଲା । କୁଳଧର୍ମ ରକ୍ଷା ପାଇଁ ଲକ୍ଷ୍ମଣ ରେଖା ଲଂଘିବାକୁ ପଡିଲା ସୀତାଙ୍କୁ । କାଳବିଳମ୍ବ ନକରି ହରିନେଲା ସୀତାଙ୍କୁ ଛଦ୍ମବେଶୀ ରାବଣ । ନାଁ ଥିଲେ ରାମ । ନାଁ ଲକ୍ଷ୍ମଣ । ସାକ୍ଷୀ ଥିଲା ଦୁର୍ଭେଦ୍ୟ ଜଙ୍ଗଲ ଓ ତାର ନୀରବତା । ଶୁଭୁଥିଲା ନିଷ୍ଠୁର ରାବଣର କ୍ରୂର ଅଟ୍ଟହାସ୍ୟ । ଆଉ ତାରି ଭିତରେ କୁଆଡେ ହଜିଯାଉଥିଲା ଦେବୀ ସୀତାଙ୍କ କରୁଣ ବିଳାପ ।

ପଞ୍ଚବଟିର ପାଞ୍ଚ କଥା ଯେତିକି ମର୍ମସ୍ପର୍ଶୀ ସେତିକି ଶିକ୍ଷଣୀୟ । 'ଅଜ୍ଞାତ କୁଳଶୀଳସ୍ୟ ବାସ ଦେୟୋ ନ କର୍ତ୍ତବ୍ୟଂ' ବାସ୍ତବରେ ଠିକ କଥା । ବଡ଼ମାନଙ୍କ ପରାମର୍ଶ ଏବଂ ଛୋଟମାନଙ୍କ ପ୍ରାର୍ଥନା ଅଣଦେଖା କଲେ ଦୁଃଖ ଥୁଆ । ଯୁକ୍ତିଯୁକ୍ତ କଥା ଅଗ୍ରହଣୀୟ କଲେ ବିପଦ ନିଶ୍ଚିତ । 'ଯୁକ୍ତିଯୁକ୍ତ ବଚ ଗ୍ରାହ୍ୟଂ ବାଲାଦପି ଶୁକାଦପି, ଯୁକ୍ତିହୀନ ବଚସ୍ତ୍ୟାଜ୍ୟଂ ବୃଦ୍ଧାଦପି ଶୁକାଦପି' । ଏହି ପ୍ରସଙ୍ଗ ଆମକୁ ଏହା ଶିଖାଏ । ଦୃଷ୍ଟି ଭେଦ ଦୃଷ୍ଟି ବାଧିତ କରେ । କିଏ କେବେ ଦେଖିଛି ସୁନାର ମିରିଗ ? କିଏ ଅବା କେବେ ଶୁଣିଛି ସୁନା ହରିଣ ସର୍ଜନା କାହାଣୀ ? ସରଗ ଶଶୀ କାହ୍ନୁ କୋଳକୁ ଖସିବା, ପବନକୁ ହାତ ମୁଠାରେ ବନ୍ଦ କରିବା ଯିମିତି ଅବାନ୍ତର ଓ ଅସମ୍ଭବ ଠିକ ସିମିତି ସୁନା ମିରିଗ ଲାଳସା । ପର ଭାରିଜା ହରଣ କେତେ ଭୟାବହ ଓ ବିନାଶକାରୀ ତାହା ତ ରାମାୟଣର ମୁଖ୍ୟ ନାୟକ ସମୟ କହିବ । ଅପେକ୍ଷା କଲେ ଫଟିକ ଦେଖାଯିବ କର୍ମଫଳ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**

# ପ୍ରଥମାଷ୍ଟମୀ

## ନାମଯଜ୍ଞ ମିଶ୍ର

ସମସ୍ତେ ଜାଣନ୍ତି, ସୃଷ୍ଟିର ଆଦ୍ୟ ସତ୍ୟଯୁଗର ଉତ୍ପତ୍ତି ବୈଶାଖରେ । ତେଣୁ ବୈଶାଖ ମାସ ହେଉଛି ବର୍ଷର ପ୍ରଥମ ମାସ, ମାତ୍ର ମାର୍ଗଶୀର ମାସକୁ ଆଦ୍ୟମାସ ଓ ଏହାର ପ୍ରଥମ ଅଷ୍ଟମୀ ତିଥିକୁ 'ପ୍ରଥମାଷ୍ଟମୀ' କହି ପରିବାରର ଜ୍ୟେଷ୍ଠ ପୁତ୍ର ବା କନ୍ୟାକୁ 'ପୋଢୁଆଁ, ବା ପ୍ରଥମ ସନ୍ତାନ କହି କଳସ ବସାଇ ଗଣପତି ଆଦି ଦଶଦିଗ ପାଳଙ୍କୁ ପୂଜା କରି ପୋଢୁଅଁଙ୍କୁ ବନ୍ଦାପନା କରନ୍ତି କାହିଁକି ? ପଢ଼ୁହାଁ (ପ୍ରଥମ ଜାତ) ଶବ୍ଦରୁ ପୋଢୁଅଁ ଶବ୍ଦର ଉତ୍ପତ୍ତି । ଏହା ମୂଳରେ ଏକ ପୌରାଣିକ ଆଖ୍ୟାନ ଅଛି ।

ପ୍ରଳୟ ଜଳରେ ଶାୟିତ ଭଗବାନ ଶ୍ରୀ ବିଷ୍ଣୁଙ୍କ ନାଭି କମଳରୁ ଉଜୁଟି ଆସିଲା ଏକ ମହନୀୟ ପଦ୍ମ । ପଦ୍ମରୁ ଜାତ ହେଲେ ବ୍ରହ୍ମା । ଶ୍ରୀ ବିଷ୍ଣୁଙ୍କ ଆଦେଶରେ ବ୍ରହ୍ମା କଲେ ସୃଷ୍ଟି ସଂରଚନା, ଚର ଅଚର, କୀଟ ପତଙ୍ଗ, ଦେବ ଦୈତ୍ୟ, ନାଗ, ନର ଇତ୍ୟାଦି । ଏଭଳି ପ୍ରଜା ସୃଷ୍ଟି ପରେ ବ୍ରହ୍ମା ଏ ମାନଙ୍କୁ ସୁନିୟନ୍ତ୍ରିତ କରି ପାଳିବାକୁ ବ୍ରହ୍ମା ନିଜ ଡାହାଣ ହାତର ବୃଦ୍ଧାଙ୍ଗୁଳିରୁ ସୃଷ୍ଟି କଲେ ଏକ ପୁରୁଷ ଓ ସେହି ପୁରୁଷ ସର୍ବ ବିଦ୍ୟା ଓ କାର୍ଯ୍ୟରେ ସୁଦକ୍ଷ ଦେଖି ତାଙ୍କର ନାମ ରଖିଲେ ଦକ୍ଷ । ଏହା ପରେ ନିଜ ହସ୍ତର ବାଣି ଆଙ୍ଗୁଠିରୁ ବ୍ରହ୍ମା ଜାତକଲେ ଅନ୍ୟ ଏକ ପୁତ୍ର । ସେହି ପୁତ୍ରଟି ଦନ୍ତହୀନ ହୋଇ ଜାତ ହୋଇ ଥିବାରୁ ତାଙ୍କ ନାମ ରଖିଲେ ନାରଦ । ସୃଷ୍ଟି କର୍ତ୍ତା ବ୍ରହ୍ମା ତାଙ୍କର ଏହି ଦୁଇ ପୁତ୍ରଙ୍କୁ ବିବାହ କରିବାକୁ ତାଙ୍କ ସର୍ଜିତ ପ୍ରାଣୀମାନଙ୍କର ବେଦାନୁସାରେ ପାଳନ କରିବାକୁ କହିଲେ । ଉଭୟ ପୁତ୍ର ବେଦ ବିଦ୍ୟାରେ ବିଶାରଦ ଥିଲେ । କିନ୍ତୁ ସନାନ ପୁଅ ନାରଦ ଥିଲେ ବାରବୁଲା ଫକୀର । ବୀଣା ବଜାଇ ଭ୍ରମଣ କରିବାରେ ସେଥିଲେ ଚଞ୍ଚଳ । ତେଣୁ ସେ ବିବାହ ବା ପ୍ରଜାପାଳନକୁ ଅଗ୍ରାହ୍ୟ କଲେ । ତେଣୁ ବେଦବର ବ୍ରହ୍ମା ତାଙ୍କୁ ଅଭିଶାପ ଦେଇ ହରିନାମ ଗାଇ ବୁଲିବାକୁ ଓ ଯା କଥା ତାକୁ ତା କଥା ଯାକୁକ ହି କହି ଅସ୍ଥିର ପ୍ରଥମ ସାମ୍ବାଦିକ ଭାବେ ପରିଚିତ ହେବେ ବୋଲି କହିଲେ । ମହାତ୍ମା ଦକ୍ଷଥିଲେ ଅତ୍ୟନ୍ତ ପିତୃଭକ୍ତ। ପିତାଙ୍କ ଆଜ୍ଞାରେ ବିବାହ କରି ପ୍ରଜାଙ୍କ ସୃଷ୍ଟି ଓ ପାଳନ ଭାର ଗ୍ରହଣ କରିବାକୁ ସମ୍ମତ ହେଲେ । ଦକ୍ଷଙ୍କର ଜନ୍ମ ଦିନ ହେଉଛି ମାର୍ଗଶୀର ମାସର ପ୍ରଥମ ଅଷ୍ଟମୀ, ଏହି ଦିନଟିରେ ବ୍ରହ୍ମା ଦକ୍ଷଙ୍କୁ ବନ୍ଦାପନା କରି ତାଙ୍କୁ ମାସଟିରେ ମହାଲକ୍ଷ୍ମୀ ପୃଥିବୀବ୍ୟାପୀ ଧନ ଧାନ୍ୟରେ ଭରି ଦିଅନ୍ତି । ପାଳନକର୍ତ୍ତା ମାତା ଲକ୍ଷ୍ମୀ ମଧ ଏ ମାସରେ ବିଜେ କରିଥାନ୍ତି । ସୁଜଳା, ସୁଫଳା ସୁଖଦା ମାସ ହେତୁ ମାର୍ଗଶୀର ମାସକୁ 'ଆଦ୍ୟମାସ' ଓ ଏହାର ପ୍ରଥମ ଅଷ୍ଟମୀକୁ ଓ ପ୍ରଥମାଷ୍ଟମୀ ଭାବେ ପାଳନ କରି ସୃଷ୍ଟିର ପ୍ରଥମ ଶାସକ ବା ପ୍ରଜାପତିଙ୍କ ଅଭିଷେକ ଦିବସ ହେତୁ ନିଜ ପ୍ରଥମ ସନ୍ତାନକୁ ପ୍ରକାରାନ୍ତରେ ପରିବାରର ଗରିଷ୍ଠ ଭାବେ ମାନ୍ୟତା ଦିଆଯାଇ ଆସୁଅଛି । ଏହି ଦିନ ମାମୁଁ ମାଇଙ୍କ ପକ୍ଷରୁ ନୂତନ ପୋଷାକ ଆସେ, ପିତାମାତା ଏଣ୍ଡୁରି ପିଠା ଓ ଅନ୍ୟ ମିଷ୍ଟାନ୍ନ ଖୁଆଇ ପ୍ରଥମ ସନ୍ତାନକୁ ବନ୍ଦାଇ ଅଭିଷେକ କରି ଉତ୍ସବ ପାଳନ୍ତି । ସୃଷ୍ଟିର ପ୍ରଥମ ଶାସକ, ଦକ୍ଷ ପ୍ରଜାପତିଙ୍କ ଜନ୍ମ ଓ ଅଭିଷେକ ଦିବସ ହେତୁ ପ୍ରଥମାଷ୍ଟମୀ ପର୍ବ ପାଳିତ ହୋଇଥାଏ ।


**ବରପାଲିପଡ଼ା, ବଲାଙ୍ଗୀର**

# ଦହି ଖାଇବା ଉପକାରୀ

ଖାଦ୍ୟ ବିଶେଷଜ୍ଞଙ୍କ ମତରେ ନିୟମିତ ଦହି ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକାରୀ । ଏହା ପେଟ ଥଣ୍ଡା ରଖିବା ସହ ଖାଦ୍ୟ ଶୀଘ୍ର ହଜମ କରାଇଥାଏ ।

ଦହିରେ ପ୍ରୋଟିନ୍, କ୍ୟାଲସିୟମ୍, ଭିଟାମିନ୍, ଲାକ୍ଟୋଜ୍, ଲୌହ, ଫସଫରସ ତତ୍ତ୍ୱଗୁଡିକ ଭରପୂର ଥିବାରୁ ତାହା ଶରୀରକୁ ଶକ୍ତି ଯୋଗାଇଥାଏ ।

ଦ୍ୱିପହର ଭୋଜନରେ ଦହି ଖାଉଥିବା ଲୋକଙ୍କ ମସ୍ତିଷ୍କ ଶାନ୍ତ ରହେ ଓ ଭଲ ନିଦ ହେଉଥିବାର ପରୀକ୍ଷାରୁ ଜଣାପଡିଛି । ଦହିରେ ମହଜୁଦ୍ ଥିବା ବିଭିନ୍ନ ପ୍ରକାର ପୋଷକତତ୍ତ୍ୱ ହାଡ଼ ମଜଭୁତ୍ ରଖିବା ସହ କୋଷ୍ଠକାଠିନ୍ୟ ସମସ୍ୟା ଦୂର କରେ । ନିୟମିତ ଭାବରେ ଏହାକୁ ଖାଉଥିବା ଲୋକଙ୍କୁ ସଂକ୍ରାମକ ରୋଗ ସହଜରେ ଆକ୍ରମଣ କରି ପାରି ନ ଥାଏ ବୋଲି ବିଶେଷଜ୍ଞଙ୍କ ମତ । ଗରମଦିନେ ଏହା ଏକ ସର୍ବୋତ୍ତମ ପାନୀୟ । ଦହି ଗରମରେ ପିଇଲେ ଶରୀରକୁ ଶୀତଳତା ପ୍ରଦାନ କରେ ।



## ଆଜିର ଚିନ୍ତନ

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର କଥା । ଜୋ କେଲର୍ ନାମକ ଜଣେ ଶିଳ୍ପପତିଙ୍କ କାରଖାନାରେ ତିଆରି ହେଉଥିଲା ଯୁଦ୍ଧ ବିମାନରେ ବ୍ୟବହୃତ ହେଉଥିବା ସିଲିଣ୍ଡରର ଶୀର୍ଷାଂଶ । ଯୁଦ୍ଧ ଚାଲିଥାଏ । ଯୁଦ୍ଧ ବିମାନ ପାଇଁ ସିଲିଣ୍ଡର ଯୋଗାଇବା ପାଇଁ ଜୋ କେଲର ଚୁକ୍ତିବଦ୍ଧ ଥାନ୍ତି । ସିଲିଣ୍ଡର ନିର୍ମାଣ ହେଲା ମାତ୍ରେ ସମସ୍ତ ସିଲିଣ୍ଡରର ଶୀର୍ଷାଂଶ ତ୍ରୁଟିପୂର୍ଣ୍ଣ ଥିବା ଜଣାପଡ଼ିଲା । ସେ ସବୁ ଯୁଦ୍ଧ ବିମାନରେ ବ୍ୟବହୃତ ହେଲେ ଦୁର୍ଘଟଣା ଘଟିବାର ସମ୍ଭାବନା ଥିଲା । ତଥାପି ଜୋ କେଲର ସେହି ତ୍ରୁଟିପୂର୍ଣ୍ଣ ଯନ୍ତ୍ରାଂଶକୁ ବିକ୍ରିକଲେ । କାରଣ ତାହା ବିକ୍ରି କରି ନ ଥିଲେ ତାଙ୍କର ପ୍ରଭୂତ କ୍ଷତି ହୋଇଥାନ୍ତା । ସେହି ତ୍ରୁଟିପୂର୍ଣ୍ଣ ଯନ୍ତ୍ରାଂଶ ଯୁଦ୍ଧ ବିମାନରେ ବ୍ୟବହୃତ ହେଲା । ଯୁଦ୍ଧ ବିମାନ ଦୁର୍ଘଟଣା ଗ୍ରସ୍ତ ହେଲା । ଫଳରେ ଏକୋଇଶ ଜଣ ବୈମାନିକ ପ୍ରାଣ ହରାଇଲେ । ସେମାନଙ୍କ ମଧ୍ୟରେ ଥିଲେ ସ୍ୱୟଂ ଜୋ କେଲରଙ୍କ ପୁତ୍ର ଲାରି । ଘଟଣାକ୍ରମେ କେଲରଙ୍କ ଅନ୍ୟତମ ପୁଅ କ୍ରିଶ୍ ଜାଣିପାରିଲେ ଯେ ତାଙ୍କ ପିତା ଜାଣିଶୁଣି ତ୍ରୁଟିଯୁକ୍ତ ସିଲିଣ୍ଡର ବିକିଛନ୍ତି, ଯାହାର ପରିଣତି ଏକୋଇଶ ଜଣ ବୈମାନିକଙ୍କ ମୃତ୍ୟୁ ହେଲା । ଏଣୁ ସେ ତାଙ୍କ ପିତାଙ୍କୁ ଜଣେ ଗଣହତ୍ୟାକାରୀ ବୋଲି କହିଛନ୍ତି । ମାତ୍ର କେଲରଙ୍କ ଯୁକ୍ତି ଥିଲା- ସେ ଯାହା କରିଛନ୍ତି ତାଙ୍କ ପରିବାରର ଆର୍ଥିକ ଉନ୍ନତି ପାଇଁ, କ୍ରିଶ ପାଇଁ । ମାତ୍ର କ୍ରିଶ ଏହି ଯୁକ୍ତିକୁ ଗ୍ରହଣ କରିପାରି ନାହାନ୍ତି । ସେ ଉତକ୍ଷିପ୍ତ ହୋଇ କହିଛନ୍ତି "ବାପା, ଆପଣଙ୍କ ଚିନ୍ତାଧାରା ଏତେ ନୀଚ୍ ! ଆପଣ ମୋ ପାଇଁ ଏହା କରିଛନ୍ତି ? ଆପଣଙ୍କର କ'ଣ ଏକ ଦେଶ ନାହିଁ ? ଆପଣ କଣ ପୃଥିବୀରେ ବାସ କରୁନାହାନ୍ତି ? ଏପରିକି ଆପଣ ଏକ ପଶୁ ମଧ ନୁହନ୍ତି । କାରଣ କୌଣସି ପଶୁ ନିଜ ବଂଶଜକୁ କେବେ ହତ୍ୟା କରେ ନାହିଁ ।" କ୍ରିଶଙ୍କ ପ୍ରତିକ୍ରିୟା ଶୁଣିବା ପରେ କେଲରଙ୍କ ଅନ୍ତର୍ଦାହ ହୋଇଛି ଓ ସେ ଅନୁଭବ କରିଛନ୍ତି ଯେ କେବଳ ଲାରି ନୁହେଁ, ପ୍ରାଣ ହରାଇଥିବା ଏକୋଇଶ ଜଣ ଯାକ ବୈମାନିକ ସମସ୍ତେ ତାଙ୍କ ପୁତ୍ର । ସାରାଜୀବନ ଆଦରିଥିବା ମୂଲ୍ୟବୋଧ ପରିଶେଷରେ ଭୁଲ ଥିଲା ବୋଲି ସେ ହୃଦବୋଧ କରିଛନ୍ତି । ପରେ ସେ ପଶ୍ଚାତାପ କରି ଆତ୍ମହତ୍ୟା କରିଛନ୍ତି । କେବଳ ନିଜ ପାଇଁ ନ ବଞ୍ଚି, ପରିବାର ବାହାରେ ଥିବା ଏକ ବିଶାଳ ପୃଥିବୀ ପାଇଁ ବଞ୍ଚିବା ହିଁ ଯଥାର୍ଥ ମୂଲ୍ୟବୋଧ- ଏହି ବାର୍ତ୍ତା ଦେଇଛନ୍ତି ଆର୍ଥର ମିଲର୍ ।

ବର୍ଷ ୨୮, ସଂଖ୍ୟା - ୪୬, ୧୭ - ୨୩ ନଭେମ୍ବର ୨୦୨୪


# ନିର୍ବାଚନୀ 'ଭେଟି'

୨୦୨୩ ମସିହାରେ ପାଞ୍ଚ ଗ୍ୟାରେଣ୍ଟି ବା ପ୍ରତିଶ୍ରୁତି ଦେଇ କର୍ଣ୍ଣାଟକରେ କଂଗ୍ରେସ କ୍ଷମତାସୀନ ହେଲା । ଏହା ଥିଲା ଦଳର ନିର୍ବାଚନୀ ଇସ୍ତାହାରର ଅଂଶବିଶେଷ । ରାଜ୍ୟବାସୀ ଏହି ପ୍ରତିଶ୍ରୁତିକୁ ବିଶ୍ୱାସ କରି ଭୋଟ ଦେଇଥିଲେ ଏବଂ କଂଗ୍ରେସ କ୍ଷମତାକୁ ଆସିପାରିଲା । ଏହି ୫ ପ୍ରତିଶ୍ରୁତି ଥିଲା ଅନ୍ନଭାଗ୍ୟ ଯୋଜନା, ଗୃହଲକ୍ଷ୍ମୀ ଯୋଜନା, ଗୃହ ଜ୍ୟୋତି, ଯୁବନିଧି ଓ ଶକ୍ତି ଯୋଜନା । ଅନ୍ନଭାଗ୍ୟ ଯୋଜନାରେ ଜନସାଧାରଣଙ୍କୁ ୧୦ କିଗ୍ରା ଚାଉଳ ଯୋଗାଣର ବ୍ୟବସ୍ଥା ରହିଥିବା ବେଳେ ଗୃହଲକ୍ଷ୍ମୀ ଯୋଜନାରେ ଘରର ମହିଳା ମୁଖ୍ୟଙ୍କୁ ୨୦୦୦ ଟଙ୍କା ନଗଦ ଅର୍ଥ ପ୍ରଦାନର ବ୍ୟବସ୍ଥା ରହିଥିଲା । ଯୁବନିଡ୍ ଯୋଜନାରେ ବେରୋଜଗାର ସ୍ନାତକ ଓ ଡିପ୍ଲୋମାଧାରୀଙ୍କ ପାଇଁ ନଗଦ ଅର୍ଥ, ଗୃହଜ୍ୟୋତି ଯୋଜନାରେ ୨୦୦ ୟୁନିଟ ମାଗଣା ବିଦ୍ୟୁତ୍ ଓ ଶକ୍ତି ଯୋଜନାରେ ମହିଳାଙ୍କ ନିମନ୍ତେ ମାଗଣା ବସ୍ ଯାତ୍ରାର ସୁଯୋଗ ରଖାଯାଇଥିଲା । ଏବେ ଶକ୍ତି ଯୋଜନାକୁ କର୍ଣ୍ଣାଟକ ସରକାର ସ୍ଥଗିତ ରଖିବା ନିମନ୍ତେ ଚିନ୍ତା କରୁଛନ୍ତି । ଏହାର କାରଣ ହେଲା ଅର୍ଥାଭାବ । ତେବେ ଏଥିନେଇ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ୍‌ଗେ ରାଜ୍ୟ ସରକାରଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି । ଯେଉଁ ପ୍ରତିଶ୍ରୁତି ପାଳନ ହେବା କଷ୍ଟକର ବା ଆର୍ଥିକ ଅବସ୍ଥା ମଧରେ ନାହିଁ ସେଭଳି ପ୍ରତିଶ୍ରୁତି ଦିଆଯିବା ଉଚିତ ନୁହେଁ ବୋଲି ନିଜ ଦଳର ରାଜ୍ୟ ସରକାରଙ୍କୁ ଚେତାଇଛନ୍ତି । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଏକ୍ସ'ରେ କଂଗ୍ରେସ ପ୍ରତିଶ୍ରୁତିକୁ ମିଥ୍ୟା ପ୍ରତିଶ୍ରୁତି ବୋଲି ଅଭିହିତ କରିଛନ୍ତି । ତେବେ ଏହାର ଦିନକ ପରେ ଝାଡ଼ଖଣ୍ଡର ରାଞ୍ଚିଠାରେ ଦଳର ନିର୍ବାଚନ ଇସ୍ତାହାର ବା ସଂକଳ୍ପପତ୍ରକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉନ୍ମୋଚନ କରି ଦଳ କ୍ଷମତାକୁ ଆସିଲେ ନଗଦ ଅର୍ଥ ସହାୟତାଠାରୁ ଆରମ୍ଭ କରି ଗ୍ୟାସ ସିଲିଣ୍ଡର ଆଦି ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଛନ୍ତି । ତେଣେ ନିର୍ବାଚନରେ ଘିଅ–ମହୁର ପ୍ରତିଶ୍ରୁତିକୁ ନେଇ ସୁପ୍ରିମକୋର୍ଟରେ ମାମଲା ଦାଏର ହୋଇଛି ଏବଂ ଏହା ଉପରେ ଜବାବ ଦାଖଲ ପାଇଁ କେନ୍ଦ୍ର ସରକାରଙ୍କୁ ଅଦାଲତ ନୋଟିସ୍ ଜାରି କରିଛନ୍ତି । ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦିଆଯାଉଛି ତାହା କେବଳ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ଉଦ୍ଦିଷ୍ଟ । ଏଣୁ ଏହାକୁ ନିର୍ବାଚନ ଭେଟି ବୋଲି କୁହାଯାଇପାରେ । ଏତେ ପ୍ରତିଶ୍ରୁତି ପୂରଣ ପାଇଁ ଦେଶର ବା ରାଜ୍ୟର ଆର୍ଥିକ ସ୍ଥିତି କ'ଣ ରହିଛି ଅଥବା କେଉଁ ସୂତ୍ରରୁ ସମ୍ବଳ ସଂଗ୍ରହ କରାଯାଇ ପ୍ରତିଶ୍ରୁତି ପୂରଣ କରାଯାଇପାରିବ ତାହା ରାଜନୈତିକ ଦଳଗୁଡ଼ିକ ଦର୍ଶାଉନାହାନ୍ତି । ଏ ଦିଗ ପ୍ରତି ଦୃଷ୍ଟି ନ ଦେଇ ଶସ୍ତା, ଲୋକପ୍ରିୟ ପ୍ରତିଶ୍ରୁତି ଯୋଗୁ ଅର୍ଥନୈତିକ ବ୍ୟବସ୍ଥା ବିଗିଡ଼ିବାର ସମ୍ଭାବନା ରହିଛି, ଯାହା କର୍ଣ୍ଣାଟକ କ୍ଷେତ୍ରରେ ଦେଖାଦେଇଛି । କର୍ଣ୍ଣାଟକରେ ଯେଉଁ ପ୍ରତିଶ୍ରୁତି ଦେଇ କଂଗ୍ରେସ କ୍ଷମତାକୁ ଆସିଲା ସେଥିପାଇଁ ବାର୍ଷିକ ଅତିରିକ୍ତ ୫୬,୦୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି । ଏତେ ପରିମାଣର ସମ୍ବଳ ରାଜ୍ୟ ସରକାର ଯୋଗାଡ଼ କରିବାରେ ସମର୍ଥ ହୋଇ ନ ପାରି ଚଳିତ ବର୍ଷ ପାଇଁ ଶକ୍ତି ଯୋଜନା ସ୍ଥଗିତ ରଖିବାକୁ ମନସ୍ଥ କରିଛନ୍ତି ।

ସ୍ୱାଧୀନତା ପରବର୍ତ୍ତୀ ଭାରତରେ ନିର୍ବାଚନୀ ପ୍ରତିଶ୍ରୁତି ତତ୍କାଳୀନ ମାନ୍ଦ୍ରାଜ ପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା କେ,କାମରାଜ ପ୍ରଥମେ ପ୍ରଚଳନ କରିଥିଲେ । ଏହା ୧୯୫୪ର କଥା । ବିଦ୍ୟାଳୟ ପିଲାଙ୍କୁ ମାଗଣା ଶିକ୍ଷା ଓ ଖାଦ୍ୟ ପାଇଁ କାମରାଜ ନିଜ ନିର୍ବାଚନୀ ଘୋଷଣାପତ୍ରରେ କହିଥିଲେ । ଏହାକୁ ଏକ କଲ୍ୟାଣକାରୀ ପ୍ରତିଶ୍ରୁତି ବୋଲି କୁହାଯାଇ ପାରେ । ପରବର୍ତ୍ତୀ ସମୟରେ ୧୯୬୭ରେ ଡିଏମ୍‌କେ ପ୍ରତିଷ୍ଠାତା ସି.ଏନ୍. ଆନ୍ନାଦୁରାଇ ଗରିବ ଲୋକଙ୍କୁ ୧ ଟଙ୍କାରେ ସାଢ଼େ ୪ କେଜି ଚାଉଳ ଯୋଗାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହା ମଧ ଏକ ଗରିବ କଲ୍ୟାଣକାରୀ ପ୍ରତିଶ୍ରୁତି । ଉପରୋକ୍ତ ପ୍ରତିଶ୍ରୁତି ଦେଇ ଉଭୟ ନେତା ନିର୍ବାଚନରେ କ୍ଷମତାସୀନ ହୋଇପାରିଥିଲେ । ତେବେ ପରବର୍ତ୍ତୀ ସମୟରେ ନିର୍ବାଚନ ଇସ୍ତାହାର ଆଉ ଗରିବ, ଅବହେଳିତ, ନିରନ୍ନ କୈନ୍ଦ୍ରିକ ହୋଇ ରହିଲା ନାହିଁ । ୨୦୦୬ ମସିହା ତାମିଲନାଡୁ ନିର୍ବାଚନରେ ଜନସାଧାରଣଙ୍କୁ ରଙ୍ଗିନ ଟିଭି ପ୍ରଦାନ ପାଇଁ ଡିଏମ୍‌କେ ପ୍ରତିଶ୍ରୁତି ଦେଲା । ପରବର୍ତ୍ତୀ ସମୟରେ ଏଆଇଏଡିଏମ୍ ଦଳର ନେତ୍ରୀ ସୁଶ୍ରୀ ଜୟଲଳିତା ଗ୍ରାଇଣ୍ଡର, ମିକ୍ସର, ସୁନା ଥାଳି ଓ ଶାଢ଼ୀର ପ୍ରତିଶ୍ରୁତି ଦେଲେ । ଜୟଲଳିତା ଦ୍ୱିତୀୟ ସର୍ବାଧିକ ସମୟ ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ରହିଥିଲେ । ଗତବର୍ଷ ଛତିଶଗଡ଼ ନିର୍ବାଚନରେ କଂଗ୍ରେସ ସରକାର ଋଣ ଛାଡ଼ ପାଇଁ ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ଦଳ ପରାଜୟ ସ୍ୱୀକାର କଲା । ମଧପ୍ରଦେଶରେ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପା ସରକାର ଲାଡ୍ ବହେନ ଯୋଜନା କାର୍ଯ୍ୟକାରୀ କଲେ । ମହିଳା ଭୋଟ ବ୍ୟାଙ୍କ ପାଇଁ ଏହି ଯୋଜନା ହାତକୁ ନିଆଗଲା । ଏହାଦ୍ୱାରା ରାଜକୋଷ ଉପରେ ୨୫ହଜାର କୋଟି ଟଙ୍କାର ବାର୍ଷିକ ଚାପ ସୃଷ୍ଟି ହୋଇଛି । ତେଣେ ମଧପ୍ରଦେଶ ସରକାରଙ୍କ ଋଣ ବୋଝ ୩ ଲକ୍ଷ ୩୧ ହଜାର କୋଟି ଟଙ୍କା ରହିଛି । ତେଲଙ୍ଗାନାରେ କଂଗ୍ରେସ ଦଳ ଗତ ବିଧାନସଭା ନିର୍ବାଚନରେ ଦୁଧିଆଳି ଗାଈ, ଲାପ୍‌ଟପ୍, ଗ୍ୟାସ ସିଲିଣ୍ଡର ପାଇଁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଲା । ଓଡ଼ିଶାରେ ବିଧାନସଭା ନିର୍ବାଚନ ପୂର୍ବରୁ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ନିମନ୍ତେ ଭାଜପା ପ୍ରତିଶ୍ରୁତି ଦେଲା । ଏହାଦ୍ୱାରା ଭାଜପା ଦଳ ରାଜ୍ୟରେ କ୍ଷମତାସୀନ ହେଲା । ଏବେ ଏହି ପ୍ରତିଶ୍ରୁତିକୁ ସରକାର, ସୁରୁଖୁରୁରେ ଆଗେଇ ନେଇପାରୁ ନାହାନ୍ତି । ବାରମ୍ବାର ମାର୍ଗଦର୍ଶିକା ପରିବର୍ତ୍ତନ କରୁଛନ୍ତି । ଏହାର କାରଣ ହେଲା ଅର୍ଥାଭାବ । ସୁଭଦ୍ରା ଯୋଜନା ନିମନ୍ତେ ଅର୍ଥ ଯୋଗାଡ଼ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଅନ୍ୟାନ୍ୟ ବିକାଶମୂଳକ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଠପ୍ କରାଯାଇଛି । ଠିକାଦାର ବକେୟା ଅର୍ଥ ପାଇପାରୁ ନାହାନ୍ତି । ନିର୍ବାଚନ ଘୋଷଣାପତ୍ରରେ କଲ୍ୟାଣକାରୀ ଯୋଜନା ପାଇଁ ପ୍ରତିଶ୍ରୁତି ଦିଆଯାଇପାରେ । ଏକ ଜନମଙ୍ଗଳ ରାଷ୍ଟ୍ରରେ ଅବହେଳିତ ଓ ଗରିବଙ୍କ ପାଇଁ ଦଳର ଦୃଷ୍ଟିଭଙ୍ଗୀ ଏଥିରୁ ଜାଣି ହୋଇଥାଏ । ଏହା ବାଦ୍ ସାମୂହିକ ଭାବେ ରାଷ୍ଟ୍ର କଲ୍ୟାଣ୍ ପାଇଁ କ'ଣ ଆବଶ୍ୟକ ତାହା କୁହାଯାଇପାରେ । ଏଥିରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ ସୁରକ୍ଷା ଆସିଥାଏ । ଏଗୁଡ଼ିକ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହୋଇପାରିଲେ ସମାଜ ବ୍ୟବସ୍ଥା ଆପେ ସଶକ୍ତୀକରଣ ହୋଇପାରିବ । କିନ୍ତୁ ନଗଦ ଟଙ୍କା, ସ୍କୁଟି, ଗ୍ୟାସ ସିଲିଣ୍ଡର ଆଦି ବଣ୍ଟନ କରାଯିବା ଦ୍ୱାରା ଏକ ପ୍ରଲୋଭିତ ନିର୍ବାଚନ ବ୍ୟବସ୍ଥା ସୃଷ୍ଟି ହେଉଛି । ଏଣୁ ଭାରତୀୟ ନିର୍ବାଚନ ବ୍ୟବସ୍ଥାକୁ ସ୍ୱଚ୍ଛ ବୋଲି କୁହାଯାଇପାରିବ ନାହିଁ ।

# ସତ୍ୟାଗ୍ରହର ଅସ୍ତ୍ର

## ମହାତ୍ମା ଗାନ୍ଧୀ



**ସ**ତ୍ୟାଗ୍ରହ ଅସ୍ତ୍ରଭଣ୍ଡାରରେ ଉପବାସ ହେଉଛି ଏକ ଶକ୍ତିଶାଳୀ ଅସ୍ତ୍ର । ଏହି ଅସ୍ତ୍ରକୁ ସମସ୍ତେ ବ୍ୟବହାର କରି ପାରିବେ ନାହିଁ । ଉପବାସ କରିବା ଲାଗି କେବଳ ଶାରୀରିକ ଯୋଗ୍ୟତା ରହିଥିଲେ ତାହାକୁ କଦାପି ସେଥିପାଇଁ ଏକ ଯୋଗ୍ୟତା ବୋଲି କୁହାଯିବ ନାହିଁ । ଈଶ୍ୱରଙ୍କ ଠାରେ ଏକ ସଚଳ ବିଶ୍ୱାସ ରହି ନ ଥିଲେ ଉପବାସ ଦ୍ୱାରା କୌଣସି 'ଳ ମିଳିବ ନାହିଁ । ଏହାକୁ ଏକ ଯନ୍ତ୍ରବତ୍ ଉଦ୍ୟମ କିମ୍ବା କେବଳ ଏକ ଅନୁକରଣରେ ପରିଣତ କରିଦେବା ମଧ ଉଚିତ ହେବ ନାହିଁ । ନିଜ ଆତ୍ମାର ଗଭୀରରୁ ହିଁ ଏଥିପାଇଁ ପ୍ରେରଣା ମିଳୁଥିବା ଉଚିତ । ତେଣୁ, ଏହା ସର୍ବଦା ବିରଳ ହୋଇ ହିଁ ରହିଥାଏ ।

ଏକ ଶୁଦ୍ଧ ଉପବାସ ଭିତରେ ସ୍ୱାର୍ଥପରତା, କ୍ରୋଧ, ବିଶ୍ୱାସର ଅଭାବ ଅଥବା ଧୈର୍ଯ୍ୟହୀନତା ଲାଗି ଆଦୌ କୌଣସି ସ୍ଥାନ ରହିପାରିବ ନାହିଁ । ଅସୀମ ଧୈର୍ଯ୍ୟ, ସୁଦୃଢ଼ ସଂକଳ୍ପ, ନିଜର ଲକ୍ଷ୍ୟ ବିଷୟରେ ଅଟଳତା, ପୂର୍ଣ୍ଣସ୍ଥିରତା, ଏବଂ ପୂର୍ଣ୍ଣ ଅକ୍ରୋଧ ଏସବୁ ଅବଶ୍ୟ ରହିଥିବା ଆବଶ୍ୟକ । ମାତ୍ର, ଜଣେ ବ୍ୟକ୍ତି ପକ୍ଷରେ ଏହି ସବୁଯାକ ଗୁଣର ଏକାବେଳେକେ ବିକାଶ ଘଟାଇବା ଅସମ୍ଭବ ହୋଇଥିବାରୁ ଅନ୍ତତଃ ଅହିଂସାର ବିଧାନଗୁଡିକୁ ମାନିବାର ବ୍ରତ ଗ୍ରହଣ କରି ନ ଥିବା ଜଣେ ବ୍ୟକ୍ତି ପକ୍ଷରେ ଉପବାସ ସତ୍ୟାଗ୍ରହର ମାର୍ଗକୁ ଗ୍ରହଣ କରିବା ଆଦୌ ଉଚିତ ହେବ ନାହିଁ ।

ଉପବାସ ଏକ ଭୟଙ୍କର ମାର୍ଗ, ଏବଂ ଏହା କଦାପି ସମ୍ପୂର୍ଣ୍ଣଭାବରେ ବିପଦମୁକ୍ତ ନୁହେଁ । କୌଣସି ଉପବାସ ମୋତେ ଭୁଲ ବା ନୈତିକ ଦୃଷ୍ଟିରୁ ଅନୁଚିତ ବୋଲି ମନେ ହେଉଥିବା ସମୟରେ ମୁଁ ପୂର୍ବେ ଏକାଧିକ ଉପବାସର ନିନ୍ଦା କରିଛି । ମାତ୍ର, ଏକ ସ୍ପଷ୍ଟ ନୈତିକ ନିର୍ଦ୍ଦେଶ ରହିଥିବା ସମୟରେ ଏକ ଉପବାସରୁ ଏଡି ରହିଯିବାକୁ ନିଜ କର୍ତ୍ତବ୍ୟରେ ଖିଲାପ କରିବା ବୋଲି କୁହାଯିବ । ଏଭଳି ଏକ ଉପବାସକୁ ଅପମିଶ୍ରିତ ସତ୍ୟ ଏବଂ ଅହିଂସା ଉପରେ ଆଧାରିତ ହୋଇ ରହିବାକୁ ପଡିବ ।

ସତ୍ୟାଗ୍ରହର ଅସ୍ତ୍ରାଗାରରେ ଆମରଣ ଅନଶନ ହେଉଛି ସର୍ବଶେଷ ଏବଂ ସବୁଠାରୁ ଅଧିକ ଶକ୍ତିଶାଳୀ ଅସ୍ତ୍ର । ଏହ ହେଉଛି ଏକ ପବିତ୍ର ପଦକ୍ଷେପ । ମାତ୍ର ତାହାର ଯାବତୀୟ ନିହିତାର୍ଥ ସହିତ ହିଁ ତାହାକୁ ଗ୍ରହଣ କରାଯିବା ଉଚିତ । ଖାସ୍ ଉପବାସଟି ନୁହେଁ, ଉପବାସଟିର ନିହିତାର୍ଥ ହେଉଛି ପ୍ରକୃତରେ ଅଧିକ ମହତ୍ତ୍ୱପୂର୍ଣ୍ଣ ।

**ଯ**ନ୍ତ୍ର ପରି ଚାଳିତ ହୋଇ ଉପବାସ କରାଯାଇ ପାରିବ ନାହିଁ । ଏହା ଏକ ଶକ୍ତିଶାଳୀ ଉପାୟ ସତ, ମାତ୍ର ଅନଭିଜ୍ଞ ଭାବରେ ବ୍ୟବହୃତ ହେଲେ ଏହା ଅତ୍ୟନ୍ତ ବିପଜ୍ଜନକ । ଏଥିଲାଗି ସମ୍ପୂର୍ଣ୍ଣ ଆତ୍ମଶୁଦ୍ଧି ଆବଶ୍ୟକ, ମନ ଭିତରେ ମଧ ପ୍ରତିହିଂସାର ଭାବନା ରଖି ମୃତ୍ୟୁ ବରଣ କରିବା ଅପେକ୍ଷା ଅନେକ ଅଧିକ ପରିମାଣରେ ଆତ୍ମଶୁଦ୍ଧି ଆବଶ୍ୟକ । ପରିପୂର୍ଣ୍ଣ ଆତ୍ମୋତ୍ସର୍ଗର ଏଭଳି ଗୋଟିଏ ଦୃଷ୍ଟାନ୍ତ ମଧ ସମଗ୍ର ପୃଥିବୀ ନିମନ୍ତେ ଯଥେଷ୍ଟ ହେବ । ଯୀଶୁଖ୍ରୀଷ୍ଟଙ୍କର ଆତ୍ମୋତ୍ସର୍ଗ ସେହିପରି ଗୋଟିଏ ଦୃଷ୍ଟାନ୍ତ ।

କାହାକୁ ବାଧ କରିବାର ଉଦ୍ଦେଶ୍ୟରେ ଯେ ଉପବାସ କରା ଯାଇପାରେ, ସେହି କଥାଟିକୁ ଅବଶ୍ୟ କଦାପି ଖଣ୍ଡନ କରିହେବ ନାହିଁ । କୌଣସି ସ୍ୱାର୍ଥ ପ୍ରଣୋଦିତ ଲକ୍ଷ୍ୟର ସିଦ୍ଧି ନିମନ୍ତେ ସେହିସବୁ ଉପବାସ କରାଯାଏ । ଯେକୌଣସି ପ୍ରକାରେ ଜଣେ ବ୍ୟକ୍ତିଠାରୁ ପଇସା ଆଦାୟ କରିବା କିମ୍ବା ସେହିଭଳି କୌଣସି ବ୍ୟକ୍ତିଗତ ଅଭିପ୍ରାୟକୁ ସିଦ୍ଧି କରିବା ଲାଗି କରାଯାଉଥିବା ଉପବାସକୁ ବାଧ କରିବା ଅଥବା ଅନୁଚିତ ପ୍ରଭାବ ପକାଇବାର ଏକ ମାର୍ଗ ବୋଲି କୁହଯାଇ ପାରିବ । ଏଭଳି ଅନୁଚିତ ପ୍ରଭାବ ପକାଇବାର ପ୍ରତିରୋଧ କରିବା ଉଚିତ ବୋଲି କହିବାକୁ ମୁଁ କଦାପି କୁଣ୍ଠାବୋଧ କରିବି ନାହିଁ । ମୋ' ବିରୋଧରେ କରା ଯାଇଥିବା ଏବଂ କରାଯିବ ବୋଲି ଧମକ ଦିଆ ଯାଇଥିବା ଉପବାସଗୁଡିକ କ୍ଷେତ୍ରରେ ମୁଁ ସ୍ୱୟଂ ସଫଳଭାବରେ ସେଗୁଡିକର ପ୍ରତିରୋଧ କରିଛି ଏବଂ ଏକ ସ୍ୱାର୍ଥପ୍ରଣୋଦିତ ଏବଂ ଏକ ସ୍ୱାର୍ଥମୁକ୍ତ ଲକ୍ଷ୍ୟ ମଧରେ ଅନେକ ସମୟରେ ସେପରି କୌଣସି ସ୍ପଷ୍ଟ ବିଭାଜକ ରେଖା ନ ଥାଏ ବୋଲି ଯଦି ଯୁକ୍ତି କରାଯାଏ, ତେବେ ମୁଁ ନିବେଦନ କରିବି ଯେ, କୌଣସି ଏକ ଉପବାସର ଉଦ୍ଦେଶ୍ୟକୁ ସ୍ୱାର୍ଥଦ୍ୱାରା ପ୍ରଣୋଦିତ ଅଥବା ଅନ୍ୟ କୌଣସି ପ୍ରକାରେ ଅଶୁଦ୍ଧ ବୋଲି ବିଚାରୁଥିବା ଜଣେ ବ୍ୟକ୍ତି ସାହସର ସହିତ ତାହା ଆଗରେ ନତମସ୍ତକ ହେବାକୁ ମନା କରିଦେବ । ଏପରି ମନା କରିଦେବା ଦ୍ୱାରା ଉପବାସ କରୁଥିବା ବ୍ୟକ୍ତିର ପ୍ରାଣହାନି ଘଟିବାର ଆଶଙ୍କା ରହିଥିଲେ ମଧ ସେ ତଥାପି ତାହା ହିଁ କରିବ ।

ସେମାନଙ୍କର ଅନୁପଯୁକ୍ତ ଲକ୍ଷ୍ୟଗୁଡିକୁ ହାସଲ କରିବା ପାଇଁ କରା ଯାଉଥିବା ଉପବାସଗୁଡିକ ପ୍ରତି ଆଦୌ ଦୃଷ୍ଟି ନଦେବାକୁ ଯଦି ବ୍ୟକ୍ତିମାନେ ନିଜକୁ ଅଭ୍ୟସ୍ତ କରିନେବେ, ତେବେ ସେହିସବୁ ଉପବାସ ମଧରେ ବାଧ କରିବାର କିମ୍ବା ଅନୁଚିତ ଭାବରେ ପ୍ରଭାବ ପକାଇବାର ଆଉ କୌଣସି ଦୋଷ ରହିବ ନାହିଁ । ମାନବୀୟ ଯାବତୀୟ ଅନୁଷ୍ଠାନ ପରି ଉପବାସକୁ ମଧ ବୈଧ ତଥା ଅବୈଧ ଉଭୟ ଭାବରେ ବ୍ୟବହାର କରାଯାଇ ପାରିବ । ଜଣେ ବ୍ୟକ୍ତି ଯେତେ ଲୋକପ୍ରିୟ ଏବଂ ବଡ଼ ହୋଇଥାଉ ପଛକେ, ଯଦି ସେ ଏକ ଅନୁପଯୁକ୍ତ ଉଦ୍ଦେଶ୍ୟର ପକ୍ଷ ସମର୍ଥନ କରି ସେହି ଅନୁପଯୁକ୍ତତା ପକ୍ଷରେ ଏକ ଉପବାସ ଆରମ୍ଭ କରିଦିଏ, ତେବେ ତା'ର ଜୀବନ ରକ୍ଷା ହେବ ବୋଲି ଏକ ଅନୁପଯୁକ୍ତ ଲକ୍ଷ୍ୟକୁ ବିଜୟୀ ହେବାକୁ ଦେବା ଅପେକ୍ଷା ସେହି ବ୍ୟକ୍ତିକୁ ମରିବା ଲାଗି ବାଟ ଛାଡିଦେବା ବରଂ ତା'ର ବନ୍ଧୁବର୍ଗ (ଏଥିରେ ମୁଁ ନିଜକୁ ମଧ ଅନ୍ତର୍ଗତ କରି ରଖିଛି), ସହକର୍ମୀଗଣ ତଥା ଆତ୍ମୀୟ ସ୍ୱଜନଙ୍କର କର୍ତ୍ତବ୍ୟ ହେବା ଉଚିତ । ଅଭିଳଷିତ ଲକ୍ଷ୍ୟଟି ଅଶୁଦ୍ଧ ହୋଇ ରହିଥିବା ବେଳେ ଉତ୍ତମରୁ ଅତ୍ୟୁତ୍ତମ ଉପାୟଗୁଡିକ ମଧ ଆଉ କଦାପି ଉତ୍ତମ ହୋଇ ରହିପାରିବ ନାହିଁ ।

# ବହୁ ଗୁଣରେ ଭରପୁର ମେଥି ଶାଗ

**ସ୍ୱା**ଦରେ ଅଳ୍ପ କଡ଼ା ଲଗୁଥିବା ମେଥି ଶାଗରେ ବହୁ ପୋଷଣ ତତ୍ତ୍ୱ ଭରି ରହିଛି । ବହୁ ରୋଗ ସମାଧାନ ନିମନ୍ତେ ମେଥି ଶାଗକୁ ଖାଇବା ପାଇଁ ପ୍ରାଚୀନ କାଳର କବିରାଜ ପରାମର୍ଶ ଦେଇଥାନ୍ତି । ଏହିପରିକି ମେଥି ଶାଗକୁ ଚେରମୂଳ ଔଷଧରେ ମଧ ବ୍ୟବହାର କରାଯାଏ । ଏହି ଶାଗକୁ ପ୍ରତ୍ୟେକ ଦିନ ଖାଇଲେ ଶରୀରର ତାପ ବଢ଼ିଥାଏ । ଅତ୍ୟଧିକ ଥଣ୍ଡା ସମସ୍ୟା ଦେଖାଯାଇଥିବା ବ୍ୟକ୍ତି କିମ୍ବା ଏସିନୋଫେଲିଆ ରୋଗୀ ଏହି ଶାଗକୁ ସେବନ କଲେ ଉପଶମ ମିଳେ । ମେଥି ଶାଗରେ ତମ୍ବା, ପୋଟାସିୟମ, କ୍ୟାଲସିୟମ, ଲୌହ, ସେଲେନିୟମ, ଦସ୍ତା ମାଙ୍ଗାନିଜ ଓ ମ୍ୟାଗ୍ନେସିୟମ ଭଳି ଖଣିଜ ତତ୍ତ୍ୱରେ ଭରପୂର ହୋଇ ରହିଥାଏ । ଏହାଛଡ଼ା ଏଥିରେ ଭିଟାମିନ୍ ଭରି ରହିଥାଏ । ପେଟ ସମସ୍ୟା ଦେଖା ଯାଉଥିବା ବ୍ୟକ୍ତିଙ୍କ ପାଇଁ ମେଥି ଶାଗ ଏକ ବରଦାନ । ଏହା ପାଚନ ସମସ୍ୟା ଦୂର କରେ ।



ମେଥି ଚା'କୁ ପ୍ରତ୍ୟେକ ଦିନ ସେବନ କଲେ ପେଟ ଯନ୍ତ୍ରଣାରୁ ମୁକ୍ତି ମିଳେ । ଶରୀରରେ ଦରଜ କିମ୍ବା ଗଣ୍ଠି ଦରଜ ଦେଖାଗଲେ ମେଥି ଶାଗକୁ ସେବନ କଲେ ଏହି ସମସ୍ୟାରୁ ମୁକ୍ତି ମିଳେ । ମେଥିରେ କ୍ୟାଲସିୟମ୍, ଆଇରନ ଓ ଫସଫରସ ରହିଥାଏ । ଯାହା ଗଣ୍ଠି ସମସ୍ୟା ଦୂର କରେ । ମେଥି ଶରୀରରେ କୋଲେଷ୍ଟରୋଲ ସ୍ତରକୁ କମ୍ କରେ । ଏଥିରେ ଲିପ୍ରୋପ୍ରୋଟିନ୍ ଓ ଆମିନୋ ଏସିଡ୍ ରହିଥାଏ । ଆମିନୋ ଏସିଡ୍ ଶରୀରରେ ଇନସୁଲିନକୁ ଉତ୍ପନ କରିବାରେ ସାହାଯ୍ୟ କରେ । ଏଣୁ ମଧୁମେହ ରୋଗୀ ଏହି ଶାଗକୁ ଖାଇବା ଉଚିତ । ହୃଦୟକୁ ସୁସ୍ଥ ରଖିବାରେ ମେଥିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଥିରେ ଗାଲାକ୍ଟୋମାନାନ୍ ପୋଷଣ ଥିବା କାରଣରୁ ଏହା ହୃଦୟ ମାଂସପେଶୀକୁ ମଜବୁତ କରାଇଥାଏ । ମେଥିରେ ପୋଟାସିୟମ ଥିବା କାରଣରୁ ଶରୀରରେ ରକ୍ତ ସଂଚାଳନ ସନ୍ତୁଳନ ରହିଥାଏ । ମେଥି ଶାଗର ବାସ୍ନା ଏବଂ ସ୍ୱାଦ କାରଣରୁ ଏହାକୁ ଶୁଖାଇ ଖାଦ୍ୟରେ ବ୍ୟବହାର କରାଯାଏ । ପାଚନ ସମସ୍ୟା ଓ ଗ୍ୟାସ ସମସ୍ୟାକୁ ଦୂର କରିବା ପାଇଁ ପ୍ରାଚୀନ କାଳରେ ମେଥି ଚା' ସେବନ କରୁଥିଲେ । ମେଥି ଶାଗକୁ ଶୁଖାଇ ପାଣିରେ ଫୁଟାଇ ମେଥି ଚା' କରାଯାଇଥାଏ । ଏହାଛଡ଼ା ଏହି ଚା'କୁ କେଶ ଧୋଇବାରେ ବ୍ୟବହାର କରାଯାଏ ।

# ସର୍ବେଦ

**ପଞ୍ଚମ ଅଧ୍ୟାୟ - ଆନନ୍ଦ**

**ସାଁକ ବୁନ୍ଦ ସମ ଜଗତ ସୁଖ,**
**କଣା ସମୁନ୍ଦର ଜାନ ।**
**ପରମାନନ୍ଦ କୋ କିମି କହୂଁ, ଶକ୍ୟ**
**ୱଚନ ନହିଁ ଜ୍ଞାନ ।।୦୧।।**

ଭାଷ୍ୟ - ତୃଣର ବିନ୍ଦୁ ସମାନ ସଂସାରର ସୁଖ ଅଟେ ଆଉ ଶବ୍ଦ ଆନନ୍ଦର ସାଗର ଅଟେ । ସେହି ପରମ ସୁଖର ବର୍ଣ୍ଣନା କେମିତି କରିବି ? ତାହାର ବର୍ଣ୍ଣନା ନିମନ୍ତେ ବାଣୀରେ ଶକ୍ତି ନାହିଁ ।

**ସାଗର ଜଲ କା ରାସି ହୈ, ସୋ**
**ନହିଁ ତୱଲା ଜାୟ ।**
**ଅକଥ ଅଲୌକିକ ସେନ୍ଧୁ ସୁଖ,**
**କହନ ସୁନନ କିମି ଆୟ ।।୦୨।।**

ଭାଷ୍ୟ - ସମୁଦ୍ର ଜଳର ରାଶି ଅଟେ, ତାହା ମାପ କେମିତି ହୋଇ ପାରିବ ? ଏହି ପ୍ରକାର ବ୍ରହ୍ମସୁଖ ଅକଥ ଏବଂ ଅଲୌକିକ ଅଟେ । ତାହା ଭାଷ୍ୟ ଆଉ ଶ୍ରାବ୍ୟରେ କେମିତି ଆସି ପାରିବ ?

**ଆନନ୍ଦ ଅମିତ ଅପାର ହୈ, ପୂର୍ଣ୍ଣ**
**ଅସୀମ ଅଥାହ ।**
**ଜାନେ ଜାନନହାର ହୈ, ଛକା**
**ପକା ରସ ମାହ ।।୦୩।।**


ଭାଷ୍ୟ - ପରମାନନ୍ଦ ପୂର୍ଣ୍ଣ, ଅସୀମ, ଅତଳ, ଅଥଳ, ଅପରିମିତ ଏବଂ ଅପାର ଅଟେ । ସୋମରସରେ ତୃପ୍ତ ପୂର୍ଣ୍ଣ ଯୋଗୀ ହିଁ ସେହି ଆନନ୍ଦକୁ ଜାଣିବା ଲୋକ ଅଟନ୍ତି ।

**ସୁଖ ସମାଧି କୈସେ କହୂଁ, ମନ ୱ**
**ବୁଦ୍ଧି ନହିଁ ଆୟ ।**
**ନିଜ ସ୍ୱରୂପ କୀ ସୁଧି ନହୀଁ, ଆନନ୍ଦ**
**ଆନନ୍ଦ ପାୟ ।।୦୪।।**

ଭାଷ୍ୟ - ସମାଧିର ସୁଖ କେମିତି କହିବି ? ତାହା ତ ମନ ତଥା ବୁଦ୍ଧିର ଭିତରକୁ ଆସେ ନାହିଁ ଓ ନିଜର ସ୍ୱରୂପର ସୁଧୀ ରହେ ନାହିଁ । ସେହି ଆନନ୍ଦକୁ ପ୍ରାପ୍ତକରି ଆତ୍ମା ଆନନ୍ଦିତ ହୋଇଯାଏ । ବ୍ରହ୍ମାନନ୍ଦ ଆତ୍ମାର ବିଷୟ ଅଟେ । ସେହି ସୁଖକୁ ପ୍ରାକୃତିକ ମନ, ବୁଦ୍ଧି ଏବଂ ଇନ୍ଦ୍ରିୟାଦି କେମିତି ବର୍ଣ୍ଣନା କରିପାରିବେ ?

**ଇତନା ଅଧିକ ଆନନ୍ଦ ହୈ,**
**ଭୋକ୍ତା ଆୱାହିଁ ଭୂଲ ।**
**ଅବ କ୍ୟା ପୂଛୋ ମଧୁକଶା, ଜୋ**
**ସବ ସୁଖ କା ମୂଲ ।।୦୫।।**

ଭାଷ୍ୟ - ଶବ୍ଦସ୍ୱରୂପ ପରଂବ୍ରହ୍ମଙ୍କ ନିକଟରେ ଏତିକି ଆନନ୍ଦ ରହିଛି ଯେ ତାଙ୍କୁ ପ୍ରାପ୍ତ କରି ଜୀବାତ୍ମା ରୂପୀ ଭୋକ୍ତା ନିଜକୁ ହିଁ ବିସ୍ମରି ଯାଏ । ଏବେ ଆନନ୍ଦସ୍ୱରୂପ ମଧୁକଶା ଅର୍ଥାତ୍ ସାରଶବ୍ଦଙ୍କ ବିଷୟରେ




କହିବାର କଣ ଅଛି, ଯିଏ ସମସ୍ତ ସୁଖର ମୂଳ କାରଣ ଅଟନ୍ତି ଅର୍ଥାତ୍ ସମସ୍ତ ସୁଖର କାରଣ ଏବଂ ଆଧାର ସ୍ୱୟଂ ପରଂବ୍ରହ୍ମ ଅଟନ୍ତି ।

**ମାୟୁ ମନନ ମନାୟ ମନ,**
**ମଗନ ମହାସୁଖ ରାସି ।**
**ସୋ ଅନୁଭୱ ସୁଖ ସନ୍ତ କା,**
**କହନ ସୁନନ ମେଁ ହାଁସି ।।୦୬।।**

ଭାଷ୍ୟ - ଶବ୍ଦର ମନନରେ ମନ ଶାନ୍ତ ହୋଇ ମହା ଆନନ୍ଦରେ ନିମଗ୍ନ ହୋଇଯାଏ । ଏହି ଅନୁଭବ ସୁଖର ବର୍ଣ୍ଣନା ବର୍ଣ୍ଣନାତୀତ । କାହିଁକି ନା ତାହାକୁ କହିବା କିମ୍ବା ଶୁଣିବା କଥା ଆଦୌ ନୁହେଁ । କହିବା ଏବଂ ଶୁଣିବା ଇନ୍ଦ୍ରିୟାଦିର ବିଷୟ ଅଟେ । ସେହି ଆନନ୍ଦ ଆତ୍ମାରେ ଆସିଥାଏ । ତେବେ ତାହାର ବର୍ଣ୍ଣନା ବାଣୀ କେମିତି କରି ପାରିବ ? ଯଦି କରେ ତେବେ ସୁଦ୍ଧା ତାହା ହାସ୍ୟଯୁକ୍ତ ହେବ, ବାସ୍ତବିକ ବର୍ଣ୍ଣନା ହେବ ନାହିଁ । ଏହି ବାଣୀର ବର୍ଣ୍ଣନା ଏକ ରଞ୍ଜନ ଅଥବା ପରିହାସ ଅଟେ, ସତ୍ୟ ବର୍ଣ୍ଣନା ନୁହେଁ ।

**ଭୋକ୍ତା କୋ ୱାଣୀ ନହୀଁ, ୱାଣୀ**
**ଜାନା ନାହିଁ ।**
**ମନନ ୱିୱେଚନ ଥକିତ ହୈ,**
**ସୋ ସୁଖ ୱରଣି ନ ଜାହିଁ ।।୦୭।।**

ଭାଷ୍ୟ - ଆତ୍ମାର ବାଣୀ ନାହିଁ ଯାହା ଫଳରେ ସେ ନିଜର ଆନନ୍ଦକୁ ପରିପ୍ରକାଶ କରି ପାରିବ ଏବଂ ଯେଉଁ ବାଣୀ ବାହ୍ୟ ଜଗତରେ କାର୍ଯ୍ୟ କରିଥାଏ, ତାହା ସେହି ଆନନ୍ଦକୁ ଜାଣିପାରେ ନାହିଁ । ବୁଦ୍ଧିମାନ ତାହାର ମନନ, ବିବେଚନ କରିବାରେ ଅସମର୍ଥ ଅଟେ, ସେହି ମହାସୁଖର ଭୌତିକ କରଣମାନଙ୍କ ଦ୍ୱାରା ବର୍ଣ୍ଣନା ହୋଇ ପାରିବ ନାହିଁ ।

**ଗୁଁଗା ପ୍ରେମ ପ୍ରସନ୍ନ ସେ, କର**
**ଅଁଗୂର ରସ ପାନ ।**
**ସୋୟ ସ୍ୱାଦ ନହିଁ କହିଁ ସକେ,**
**ମନହିଁ ମନ ଅନୁମାନ ।।୦୮।।**

ଭାଷ୍ୟ - ମୂକ ବ୍ୟକ୍ତି ଅଙ୍ଗୁର ରସ ପାନ କରେ, ମାତ୍ର ତାହାର ସ୍ୱାଦ ମୁଖରେ ବର୍ଣ୍ଣନା କରିପାରେ ନାହିଁ । ସେ ନିଜର ମନ ଭିତରେ ସେହି ରସର ବିଚାର କରେ କାହିଁକି ନା ବର୍ଣ୍ଣନା କରିବା ନିମନ୍ତେ ତାହାର ବାଣୀ ନାହିଁ । ଏହି ପ୍ରକାର ବ୍ରହ୍ମସୁଖ ଉପଭୋଗ ଆତ୍ମା ମୂକ ଭଳି ସେହି ସୁଖର ବର୍ଣ୍ଣନା କରିପାରେ ନାହିଁ । ବ୍ରହ୍ମସୁଖ ଆତ୍ମାର ବିଷୟ ଅଟେ, ଇନ୍ଦ୍ରିୟମାନଙ୍କର ନୁହେଁ । ସୁତରାଂ ତାହା ବର୍ଣ୍ଣନାତୀତ ।

**ଡୁବୁକୀ ମାର ସମୁଦ୍ର ମେଁ, ଦଶୋ**
**ଦିଶା ସୁଖରାସ ।**
**ଆନନ୍ଦ ଆନନ୍ଦ ହୋ ରହା,**
**ପୂରଣାନନ୍ଦ ୱିକାଶ ।।୦୯।।**

ଭାଷ୍ୟ - ସମୁଦ୍ରରେ ବୁଡ଼ ମାରିଲେ ଚାରିଆଡ଼େ ଜଳ ହିଁ ଜଳ ଦୃଶ୍ୟମାନ ହୁଏ । ସେହି ପ୍ରକାର ଯୋଗ ବୁଦ୍ଧିରେ ସଦ୍‌ଗୁରୁ ମାର୍ଗ ଦ୍ୱାରା ବୁଡ଼ ପକାଇଲେ ଚତୁର୍ଦ୍ଦିଗରୁ ଆନନ୍ଦ ହିଁ ଆନନ୍ଦର ସୁଅ ଛୁଟେ ଏବଂ ପୂର୍ଣ୍ଣ ଆନନ୍ଦର ବିକାଶ ଉପଲବ୍ଧ ହେବାରେ ଲାଗେ ।

**ଆପ ଆନନ୍ଦ ସ୍ୱରୂପ ଭୋ, ଅନ୍ୟ**
**ଆନନ୍ଦ ନ କୋୟ ।**
**ସୋଇ ଆନନ୍ଦ ସମାଧି ହୈ,**
**ଅନୁଭୱ ଅନୁଭୱ ହୋଁୟ ।।୧୦।।**

ଭାଷ୍ୟ - ପରମାନନ୍ଦଙ୍କ ସମାନ ଅନ୍ୟ କୌଣସି ଆନନ୍ଦ ନାହିଁ । ଆତ୍ମା ସେହି ଆନନ୍ଦକୁ ଭୋଗକରି ଆନନ୍ଦସ୍ୱରୂପ ହୋଇଯାଏ । ସେହି ଆନନ୍ଦ ସମାଧି ଅଟେ, ଯାହା ଆତ୍ମା ଦ୍ୱାରା ଅନୁଭବ ହେବା ପରେ ଚେତନ ଯୋଗରୁ ପ୍ରାପ୍ତ ହୁଏ ।

**ମଧୁରସ ସ୍ୱରରସ ସୋମରସ,**
**ମାୟୁରସ ଭଣ୍ଡାର ।**
**ୟୋଗୀ ସହଜ ସମାଧି ମେଁ, ସୁଖ**
**ମଧୁକଶା ଅପାର ।।୧୧।।**

ଭାଷ୍ୟ - ସ୍ୱର, ମାୟୂ ଏବଂ ଶବ୍ଦ ସମାନାର୍ଥକ ଶବ୍ଦ ଅଟନ୍ତି । ମଧୁକଶା, ସାରଶବ୍ଦ, ପରମ ପୁରୁଷଙ୍କୁ କୁହାଯାଏ । ଯୋଗୀ ସହଜ ସମାଧିରେ ପରମ ପୁରୁଷ ଶବ୍ଦାନନ୍ଦଙ୍କର ଉପଭୋଗ କରିଥାଏ । ଶବ୍ଦ ଆନନ୍ଦର ଭଣ୍ଡାର ଅଟେ ।

**ଐସା ସାଗର କୱନ ହୈ,**
**ନିରାଧାର ରହ ସୋୟ ।**
**ବାହ୍ୟାଭ୍ୟନ୍ତର ବ୍ୟାପ୍ତ ହୈ, ତାହି**
**ନ ଜାନେ କୋୟ ।।୧୨।।**

ଭାଷ୍ୟ - ଏମିତି କେଉଁ ସାଗର ଅଛି ? ଯାହା ନିରାଧାର ଅଟେ । ସଦ୍‌ଗୁରୁ ସଂକେତ ଚେତନ ମହାମଣ୍ଡଳ ପ୍ରକୃତିପାର ନିରାଧାର ଅଟେ ଆଉ ତାହାର ପ୍ରକାଶ ବାହାରେ ଭିତରେ ସବୁ ଯାଗାରେ ବ୍ୟାପ୍ତ ଅଟେ, ତାହାକୁ ସଦ୍‌ଗୁରୁହୀନ କେହି ଜାଣନ୍ତି ନାହିଁ ।

**ଐସା ସୁଖ ୱହ କୱନ ହୈ, ଦୁଖ**
**ଜାମେଁ ନହିଁ ଲେଶ ।**
**ସଦା ନିରନ୍ତର ଉମଡ଼ତା, ଶାନ୍ତି**
**ତରଙ୍ଗ ନ ଦେଶ ।।୧୩।।**

ଭାଷ୍ୟ - ଏମିତି କେଉଁ ଆନନ୍ଦ ଅଛି ? ଯେଉଁଥିରେ ଲେଶମାତ୍ର ଦୁଃଖ ନାହିଁ । ତାହା ସର୍ବଦା ପ୍ରବଳ ମାତ୍ରାରେ ପ୍ରବାହିତ ହେଉଥାଏ ଆଉ ଶାନ୍ତି ପ୍ରଦାନ କରିଥାଏ । ସେଥିରେ କୌଣସି ପ୍ରକାରର ଉଦ୍‌ବେଗ ଏବଂ ଅଶାନ୍ତି ନ ଥାଏ । ଏପରି ଏକରସ ଶାନ୍ତି ପରମାନନ୍ଦସ୍ୱରୂପ ପରଂବ୍ରହ୍ମଙ୍କ ନିକଟରେ ରହିଛି ।

**କୱନ ଆନନ୍ଦ ଅପୂର୍ୱ ହୈ,**
**ଭୋଗେ ଜଗତ ଉଦାସ ।**
**ସମ୍ରାଟ୍ ପଦ ତୁଚ୍ଛ ହୈ, ଆଶ ନ**
**ଭୋଗ ୱିଲାଶ ।।୧୪।।**

ଭାଷ୍ୟ - ଅପୂର୍ବ ଆନନ୍ଦ କଣ ଅଟେ, ଯାହାର ଉପଭୋଗ ସଂସାର ପ୍ରତି ବୀତରାଗୀ ହେଲେ ମିଳେ ? ଭୋଗ ବିଳାସ ପ୍ରତି ଯାହାର ତିଳେ ମାତ୍ର କାମନା ରହି ନ ଥାଏ ସେହି ତ୍ୟାଗୀ ପୁରୁଷ ସେହି

ପରମାନନ୍ଦ ମହାନ୍ ସୁଖକୁ ପ୍ରାପ୍ତ କରେ । ଏହି ଆନନ୍ଦର ଉପଭୋଗ ସମ୍ମୁଖରେ ସମ୍ରାଟର ପଦ ମଧ୍ୟ ହୀନ ମନେହୁଏ ।

**ଅମିୟ କୁଣ୍ଡ ୱହ କୱନ ହୈ,**
**ଔଁଧେ ଜାକୀ ଧାର ।**
**ପୀୱତ ନର ଦେୱତା ବନେ,**
**ଫୀକା ସୁଖ ସଂସାର ।।୧୫।।**

ଭାଷ୍ୟ - ଅମୃତର କୁଣ୍ଡ କେଉଁଟା ଯାହାର ମୁହଁ ନିମ୍ନମୁଖୀ ହୋଇ ରହିଛି । ଯେଉଁ ଅମୃତକୁ ପାନ କରି ମନୁଷ୍ୟ ଦେବତା ହୋଇଯାଏ ଏବଂ ତାହାକୁ ସଂସାରର ସୁଖ ସ୍ୱାଦହୀନ ଅର୍ଥାତ୍ ନୀରସ ପ୍ରତୀତ ହୁଏ ?

**ପ୍ରାକୃତ ସୁଖ ଜଗ ଭୋଗ କର,**
**ଫିର ୱ ଶାନ୍ତି ନହିଁ ଆୟ ।**
**ସୁଖଦ ଶାନ୍ତି ୱହ କୱନ ହୈ,**
**ଅନ୍ତର ଚାହ ବନାୟ ।।୧୬।।**

ଭାଷ୍ୟ - ପ୍ରାକୃତ ସୁଖକୁ ବାରମ୍ବାର ଭୋଗିବା ପରେ ମଧ୍ୟ ଭୋଗରୁ ତୃପ୍ତି ମିଳେ ନାହିଁ । ଅନ୍ତରରେ ସର୍ବଦା ଭୋଗର ଇଚ୍ଛା ଲାଗି ରହିଥାଏ । ସେହି ସୁଖକାରୀ ଶାନ୍ତି କଣ ଅଟେ, ଯାହାକୁ ପ୍ରାପ୍ତ କଲେ ଅନ୍ୟ କୌଣସି ଭୋଗର ଇଚ୍ଛା ହୁଏ ନାହିଁ, ସର୍ବଦା ଏକ ସମାନ ଶାନ୍ତି ଲାଗି ରହିଥାଏ ।

# ମସଲସ ସୁଦୃଢ଼ କରେ ଚିନାବାଦାମ



**କେ**ବଳ ପାଟିକୁ ସୁଆଦ ପାଇଁ ବାଦାମ ଖିଆଯାଇଥାଏ ତାହା ନୁହେଁ, ଏହି ବାଦାମ ଛୋଟ ଛୋଟ ମଞ୍ଜି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । ଏହାର ତେଲରେ ଆମେ ଖାଦ୍ୟ ପ୍ରସ୍ତୁତ କରିଥାଉ । ଏଥି ସହିତ ବାଦାମରେ ରହିଛି ପ୍ରଚୁର ପରିମାଣର ଭିଟାମିନ୍ ମିନେରାଲ୍ସ, ନ୍ୟୁଟ୍ରିଏଣ୍ଟ ଓ ଆଣ୍ଟିଅକ୍ସିଡାଣ୍ଟ ଭିଟାମିନ୍ ବି କମ୍ପ୍ଲେକ୍ସ ରିବୋଫ୍ଲୋବିନ୍, ଥିୟାମିନ୍, ଭିଟାମିନ୍ ବି-୬ ଓ ଭିଟାମିନ୍ ବି-୯ ଯାହା ବହୁ ରୋଗ ପାଇଁ ବଡ଼ ଉପକାରୀ ।

ଡାଇବେଟିସକୁ କଣ୍ଟ୍ରୋଲ କରିଥାଏ: ଖାଇବା ଫଳରେ ଡାଇବେଟିସ ହେବାର ସମ୍ଭାବନା ୨୧% କମ୍ ରହିଥାଏ । ବାଦାମରୁ ମିଳୁଥିବା ମାଙ୍ଗାନିଜ୍ ନାମକ ତତ୍ତ୍ୱ ବ୍ଲଡ଼ ସୁଗାରକୁ ନିୟନ୍ତ୍ରଣ କରିଥାଏ । ଶରୀରରେ କ୍ୟାଲସିୟମର ଅବଶୋଷଣରେ ସହାୟତା କରିଥାଏ ମେଟାବଲିଜମ୍ ବଢ଼ାଇଥାଏ । ଯଦି ଆପଣ ଦୁର୍ବଳ ଅଛନ୍ତି ଆପଣ ମଧ ମସଲସ ବାହାର କରିବାକୁ ଚାହୁଁଛନ୍ତି ତେବେ ଚିନ୍ତା କରନ୍ତୁ ନାହିଁ । ପ୍ରତିଦିନ କିଛି ଭିଜା ବାଦାମ କ୍ଷୀର ସହିତ ଖାଆନ୍ତୁ । ଧୀରେ ଧୀରେ ଆପଣଙ୍କ ମସଲସ ବାହାରି ପଡ଼ିବ ।

କ୍ୟାନସରରୁ ରକ୍ଷା: ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଆଇରନ, ଫଲେଟ୍, କ୍ୟାଲସିୟମ୍ ଓ ଜିଙ୍କ୍ ଶରୀର କ୍ୟାନସର ସେଲ୍ସ ସହିତ ଲଢ଼େଇ କରିବାରେ ସହାୟକ ହୋଇଥାଏ । ଏଥିପାଇଁ ପ୍ରତିଦିନ ବାଦାମ ଖାଇବା ଉଚିତ୍ ।

# ସୁସ୍ଥ ଶରୀର ପାଇଁ ମହୁ

**ବ**ହୁ ଲାଭଦାୟକ ଅଟେ ମହୁ । ମହୁରେ ବିଭିନ୍ନ ଗୁଣ ଭରପୁର ହୋଇ ରହିଥାଏ । ଛୋଟ ଶିଶୁଙ୍କ ଠାରୁ ଆରମ୍ଭ କରି ପ୍ରାପ୍ତ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ମହୁକୁ ବ୍ୟବହାର କରି ପାରିବେ । ମହୁରେ କାର୍ବୋହାଇଡ୍ରେଡ୍ ପ୍ରୋଟିନ୍, ଭିଟାମିନ୍-ବି, ସି, ଲୌହ, ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ଫସ୍‌ଫରସ୍, ପୋଟାସିୟମ୍, ସୋଡିୟମ ଭଳି ବହୁ ମହତ୍ତ୍ୱପୂର୍ଣ୍ଣ ଭିଟାମିନ୍ ପ୍ରଚୁର ପରିମାଣରେ ରହିଅଛି ।

ମହୁରେ ଭିଟାମିନ୍, ଆମିନୋ ଏସିଡ୍, ପ୍ରୋଟିନ୍ ଏବଂ ଖଣିଜ ପଦାର୍ଥ ବିପୁଳ ପରିମାଣରେ ରହିଅଛି । ଯାହା ଶରୀର ପାଇଁ ବେଶ୍ ଉପକାରୀ ହୋଇଥାଏ ।

ମହୁରେ ଔଷଧୀୟ ଗୁଣ ରହିବା ସଙ୍ଗେ ସଙ୍ଗେ ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ ଏହାକୁ ବ୍ୟବହାର କରାଯାଇଥାଏ ।

ଛୋଟ ପିଲାଙ୍କ କାଶକୁ ଦୂର କରିବାକୁ ହେଲେ ଅଦାରସ ଏବଂ ଅଳ୍ପ ମହୁକୁ ଭଲ ଭାବରେ ମିଶାଇ ସେବନ କରିବାକୁ ଦିଅନ୍ତୁ । ଏହା ଦ୍ୱାରା ଆରାମ ମିଳିଥାଏ ।



ଯଦି ଶୁଖିଲା କାଶ ହେଉଛି ତେବେ ମହୁ ଏବଂ ଲେମ୍ବରୁ ରସ ବ୍ୟବହାର କରନ୍ତୁ ଉପକାର ମିଳିବ ।

ଯଦି ଆପଣଙ୍କୁ ଅରୁଚି ଲାଗୁଥାଏ କିମ୍ବା ବାନ୍ତି ହେଉଥାଏ, ତେବେ ମହୁ ବ୍ୟବହାର କରନ୍ତୁ ।

ଆପଣ ଯଦି ନିଜର ଓଜନକୁ ବଢ଼ାଇବାକୁ ଚାହାନ୍ତି, ତେବେ ରାତିରେ ଶୋଇବା ପୂର୍ବରୁ କ୍ଷୀରରେ ଅଳ୍ପ ମହୁକୁ ମିଶାଇ ପିଅନ୍ତୁ ।

## ଟିକିଏ ହସନ୍ତୁ

ଶିକ୍ଷକ ପିଣ୍ଟୁ - ତୁ କାଲି ସ୍କୁଲକୁ କାହିଁକି ଆସି ନ ଥିଲୁ ।
ପଣ୍ଟୁ: କହିବିନି ।
ଶିକ୍ଷକ ଚାପୁଡା ମାରି - ଶୀଘ୍ର କହ ।
ପଣ୍ଟୁ: ଭାଲେଣ୍ଟାଇନ୍ସ ଡେ’ ଥିଲା ତ ।
ଗାର୍ଲଫ୍ରେଣ୍ଡ ସହ ବୁଲୁଥିଲି ।
ଶିକ୍ଷକ: ଏତିକି ଟିକି ପିଲା ଗର୍ଲଫ୍ରେଣ୍ଡ ଧରିକି ବୁଲୁଛୁ ? କିଏ ଥିଲା ସେଇ ଝିଅ ?
ପିଣ୍ଟୁ- ଆପଣଙ୍କ ଝିଅ ।

× × × ×

ଝଗଡ଼ା ପରେ ସ୍ୱାମୀ: ସବୁ ଭୁଲ୍ ମୋର ।
ଜଣେ ବୁଦ୍ଧୁସୁଦ୍ଧୁ ବୁଦ୍ଧିମତୀକୁ ମୋର ବାହା ହେବାର ଥିଲା ।
ସ୍ତ୍ରୀ: ବୁଦ୍ଧୁସୁଦ୍ଧୁ ବୁଦ୍ଧିମତୀ ଝିଅ ତମକୁ ଭଲା କାହିଁକି ବାହା ହେଇଥାନ୍ତା ।
ସ୍ୱାମୀ: ମୁଁ ତ ସେଇ କଥା ପ୍ରମାଣ କରିବାକୁ ଚାହୁଁଥିଲି ।

× × × × ×

ପତ୍ନୀ ସକାଳୁ ସକାଳୁ ସ୍ୱାମୀଙ୍କୁ: ମୁଁ ଖବରକାଗଜ ହୋଇ ଥାଆନ୍ତିକି ! ଅନ୍ତତଃ ପ୍ରତିଦିନ ସକାଳେ ତମେ ମତେ ହାତରେ ତ ଧରି ଥାଆନ୍ତା ।



ସ୍ୱାମୀ: ମୋର ବି ସେଇ ଇଚ୍ଛା । ତମେ ଖବରକାଗଜ ହୋଇଥିଲେ ସବୁଦିନ ନୂଆ ନୂଆ ପାଇଥାଆନ୍ତି ।

× × × ×

ସୋନୁ: କାଲି ରାତିରେ ମୁଁ ସ୍ୱପ୍ନ ଦେଖିଲି ମୋ ପାଦରେ କଣ୍ଟା ପଶିଗଲା ।
ମୋନୁ: ସୋନୁ, ତୁ ଗୋଟେ କାମ କର କାଲି ରାତିରେ ଶୋଇଲାବେଳେ ଚପଲ ପିନ୍ଧି ଶୋଇପଡିବୁ ।

× × × ×

ଶିକ୍ଷକ କ୍ଲାସରେ ପିଲାଙ୍କୁ ପଢ଼ାଇବା ସମୟରେ ରୋହନକୁ ପଚାରିଲେ –ଲାଲ୍‌କିଲା କେଉଁଠି ?
ରୋହନ: ସାର୍ ମୋତେ ଜଣା ନାହିଁ ।
ଶିକ୍ଷକ: ଚାଲ୍, ଏବେ ବେଞ୍ଚ ଉପରେ ଠିଆ ହୁଅ ।
ରୋହନ: ସାର୍, ବେଞ୍ଚ ଉପରେ ଠିଆ ହେବା ପରେ ବି ଲାଲ୍ କିଲା ଦେଖାଯାଉନି !

× × × ×

ଚିକୁ: ତୁ,ଇଂଲିଶ୍ କହିପାରିବୁ ?
ମିକୁ: ହଁ, ଖୁବ୍ ଆରାମ୍‌ରେ କହିଦେବି ।
ଚିକୁ: ଆଚ୍ଛା, କହି କି ଦେଖା ।
ମିକୁ: (ହସିକି) ଇଂଗ୍ଲିଶ ।

× × × ×

ବାପା ପୁଅକୁ : ତୁ ଯଦି ତୋ ବୋଉ ପର୍ସରୁ ଶହେ ଟଙ୍କା ଆଣି ପାରିବୁ ତା’ହେଲେ ତତେ ମୁଁ ୧୦ ଟଙ୍କା ଦେବି ।
ପୁଅ: ନା, ଏତେ ଶସ୍ତାରେ ଡିଲ୍ ହୋଇ ପାରିବନି । କାରଣ ତୁମ ପର୍ସରୁ ଏଇ କାମ କରିବା ପାଇଁ ମା’ ପରା ମତେ ୨୦ ଟଙ୍କା ଦିଏ ।

## ଗୋଲମରିଚର ଉପକାରିତା

**ଗୋ**ଲମରିଚକୁ କିଏ ଚା'ରେ ପକାଇ ପିଇବାକୁ ପସନ୍ଦ କରୁଥିବା ବେଳେ ଆଉ କେହି ସାଲାଡ଼ରେ ପକାଇ ଖାଇବାକୁ ପସନ୍ଦ କରନ୍ତି । ହେଲେ ଜାଣନ୍ତି କି ଏହାର ଚମତ୍କାରୀ ଗୁଣ ବିଷୟରେ । ଆୟୁର୍ବେଦ ଚିକିତ୍ସକଙ୍କ ଅନୁସାରେ ଗୋଲମରିଚକୁ ନିୟମିତ ପ୍ରୟୋଗ ଦ୍ୱାରା ବହୁ ଦୁରାରୋଗ୍ୟରୁ ମୁକ୍ତି ମିଳିଥାଏ । କୁହାଯାଏ ଅଧିକ ଗୋଲମରିଚ ଦେହପାଇଁ ଖରାପ । କିନ୍ତୁ ଏହା ଭୁଲ୍ । ଏଥିରେ ରୋଗର ଚିକିତ୍ସା ହୋଇପାରିବ ।

ଥଣ୍ଡାରୁ ମୁକ୍ତି : ବାତ୍ୟା ପରର ବର୍ଷା ଏବଂ ତା'ପରେ ଆସୁଛି ଥଣ୍ଡା ଦିନ । ଏଦିନେ ସାଧାରଣତଃ ଥଣ୍ଡା କାଶ ଲାଗି ରହିଥାଏ । କିନ୍ତୁ ଗୋଲମରିଚ, ଖାଆନ୍ତୁ ଏଥିରୁ ମୁକ୍ତି ମିଳିବ ଏବଂ ଯଦି ଆପଣଙ୍କ ଗଳା ଖରାପ ଅଛି ତ ସେ ସମସ୍ୟାରୁ ମଧ ଆପଣ ରକ୍ଷାପାଇବେ । ହଁ କିଛି ଲୋକଙ୍କର ତ ଏଥିଲାଗି କେଶ ଝଡିବା ଆରମ୍ଭ ହୋଇଯାଏ । ଏଥିରୁ ମଧ ମୁକ୍ତି ମିଳିବ ।

ସ୍କିନ୍ ଡିଜିଜ୍‌ରୁ ମୁକ୍ତି : ଯଦି ଆପଣଙ୍କର ଦେହରେ କୌଣସି ଠାରେ ସ୍କିନ୍ ଡିଜିଜ୍ ରହିଛି ତ ଏଥିରେ ଗୋଲ ମରିଚ ବାଟି ଲଗାଇ ପାରନ୍ତି । ତା' ଛଡ଼ା ମୁହଁରେ ଯଦି ବ୍ରଣ ହୋଇଛି ମରିଚ ପେଷ୍ଟ ଲଗାଇ ପାରନ୍ତି । ପ୍ରଥମେ ଟିକେ କଷ୍ଟ ଲାଗିବ କିନ୍ତୁ ଶୀଘ୍ର ଆରାମ ମିଳିବ ।

ଟେନସନରୁ ମୁକ୍ତି : ଆଜିର ବ୍ୟସ୍ତବହୁଳ ଜୀବନରେ ସବୁଠୁ ବଡ଼ ସମସ୍ୟା ହେଲା ଚିନ୍ତା ଏବଂ ଏଥିରୁ ମୁକ୍ତି ଦେବ ଗୋଲ ମରିଚ । ଏଥିରେ ମହଜୁଦ ଅଛି ପିପରାଇନ ନାମକ ତତ୍ତ୍ୱ ତଥା ଏଥିରେ ମଧ ଆଣ୍ଟି ଡିପ୍ରେଜେଣ୍ଟ ଗୁଣ ଭରପୁର ରହିଛି । ତେଣୁ ଏହା ଚିନ୍ତା



ଏବଂ ଡିପ୍ରେସନ ଦୂର କରିବାରେ ସହାୟକ ହେବ ।

ଗ୍ୟାସ୍ କିମ୍ବା ଏସିଡିଟିରୁ ମୁକ୍ତି ମିଳିବ : ଆଧୁନିକ ଜୀବନଶୈଳୀରେ ଏସିଡିଟି ଏବଂ ଗ୍ୟାସ ଏକ ସାଧାରଣ ସମସ୍ୟା କହିଲେ ଭୁଲ୍ ହେବନି । ଯଦି ଆପଣଙ୍କର ଏହିଭଳି ସମସ୍ୟା ରହିଛି ତ ଲେମ୍ବୁ ରସରେ କଳାଲୁଣ ଏବଂ ଗୋଲ ମରିଚ ମିଶାଇ ଖାଆନ୍ତୁ ନିଶ୍ଚିତ ଉପକାର ମିଳିବ । ଗ୍ୟାସ୍ ଯୋଗୁଁ ପେଟ କାଟିବା ଆଦି ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିବ ।

କ୍ୟାନ୍ସରରୁ ମୁକ୍ତି : ବିଶେଷକରି ମହିଳାମାନେ ଗୋଲମରିଚ ଅଧିକରୁ ଅଧିକ ଖାଇବା ଉଚିତ । ଗୋଲମରିଚରେ ଭିଟାମିନ୍ ସି, ଭିଟାମିନ୍ ଏ, ଫ୍ଲେବୋନଏଡକ୍ସ, କ୍ୟାରୋଟିନ୍ସ ଏବଂ ଅନ୍ୟ ଆଣ୍ଟି ଅକ୍ସିଡାଣ୍ଟ ରହିଥାଏ । ଗୋଲ ମରିଚ ଖାଇବା ଦ୍ୱାରା ମହିଳାଙ୍କ ବ୍ରେଷ୍ଟ କ୍ୟାନ୍ସର ହେବାର ଆଶଙ୍କା କମ୍ ହୋଇ ଯାଇଥାଏ । ଏଥିସହ ଶରୀରରେ ବଢୁଥିବା ଅତିରିକ୍ତ ମାଂସପେଶୀକୁ ଗୋଲମରିଚ ବଢ଼ିବାକୁ ଦିଏନାହିଁ ।

## ଭଜା ବୁଟର ଔଷଧୀୟ ଗୁଣ

**ଭ**ଜା ବୁଟ ସବୁଦିନ ଖାଇଲେ ଶରୀରକୁ ବହୁ ପ୍ରକାରର ଫାଇଦା ମିଳିଥାଏ । ଭଜାବୁଟ ଖାଇଲେ ମୋଟାପଣ କମ୍ ହେବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ଏବଂ ପେଟ ସମ୍ବନ୍ଧୀୟ ଆହୁରି ବିଭିନ୍ନ ପ୍ରକାରର ରୋଗରୁ ବି ମୁକ୍ତି ମିଳିଥାଏ । ରିସର୍ଚ୍ଚରୁ ଜଣାପଡିଛି କି ପ୍ରତିଦିନ ୫୦ ଗ୍ରାମ ଲେଖାଏଁ ଭଜା ବୁଟ ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଫଳରେ ପାଣିପାଗ ବଦଳିବାର ପ୍ରଭାବ ହଠାତ୍ ପଡି ନଥାଏ । ଏହା ସହିତ ମୋଟାପଣର ଶିକାର ହୋଇଥିଲେ ଭଜାବୁଟ ବେଶ୍ ଫାଇଦା ଆଣିଥାଏ । ପ୍ରତିଦିନ ଏହାକୁ ଖାଇଲେ ଶରୀରରେ ଥିବା ଅତିରିକ୍ତ ଚର୍ବି ବାହାରିବାରେ



ସାହାଯ୍ୟ କରିଥାଏ । ଯଦି ପରିସ୍ରା ସମ୍ବନ୍ଧୀୟ ରୋଗ ହୋଇଥାଏ ତାହେଲେ ଗୁଡ ସହିତ ଭଜାବୁଟ ଖାଇଲେ ଉପକାର ମିଳିଥାଏ । ଲଗାତର ଏହାକୁ ଖାଇଲେ କିଛି ଦିନ ମଧରେ ଆରାମ ମିଳିଥାଏ । ଭଜାବୁଟ ଗୁଣ୍ଡ କରି ତାକୁ କ୍ଷୀର ସହିତ ଖାଇଲେ ନପୁନସକତା ପ୍ରାୟତଃ ଦୂର ହୋଇଥାଏ ।

## ଉପକାରୀ ପୋଦିନା

**ତା**ଜା ପୋଦିନା ପତ୍ରକୁ କାଟି ସାଲାଡ଼ରେ ପକାଇଲେ ଗ୍ୟାଷ୍ଟ୍ରିକ୍ ସମସ୍ୟା ଦୂର ହୋଇଥାଏ ।



ସରବତରେ କଟା ପୋଦିନା ପତ୍ର ପକାଇ ପିଅନ୍ତୁ । ଏହା ହଜମଶକ୍ତିକୁ ବଢ଼ାଇବାରେ ସାହାଯ୍ୟ କରିବ । ପୋଦିନା ପତ୍ରକୁ ଶୁଖାଇ ଗୁଣ୍ଡ କରି ରଖନ୍ତୁ । ତରକାରୀ ରାନ୍ଧିବା ପରେ, ଏହି ଗୁଣ୍ଡ ପକାଇଲେ ଝୋଳ ସ୍ୱାଦିଷ୍ଟ ଲାଗିଥାଏ । ପୋଦିନା ଯୁକ୍ତ ପାନୀୟ ସ୍ୱାସ୍ଥ୍ୟ ପାଇଁ ଭଲ । ଚିନି ମିଶ୍ରିତ ଜଳରେ କିଛି ପୋଦିନା ପତ୍ର ପକାଇ ଫୁଟାଇ ଏବଂ ଥଣ୍ଡା ହେବା ପରେ ପିଅନ୍ତୁ ।

## ଆପଣ ଜାଣନ୍ତି କି ?

- ଟେଡି ବିଅର ପିଲାମାନଙ୍କର ଏକ ମନପସନ୍ଦର ଖେଳନା । ତେବେ ଜାଣନ୍ତି କି ଲଣ୍ଡନରେ ପ୍ରତି ବର୍ଷ ଏକ ଟେଡି ବିଅର ଉତ୍ସବ ପାଳିତ ହୋଇଥାଏ । ୧୯୮୯ ମସିହାରେ ପ୍ରଥମ ଥର ପାଇଁ ଏହି ଉତ୍ସବ ଆରମ୍ଭ ହୋଇଥିଲା ।



- ହାୱାଇ ହେଉଛି ଆମେରିକାର ଏକମାତ୍ର ରାଜ୍ୟ ଯେଉଁଠି କଫି ଉତ୍ପାଦନ ହୋଇଥାଏ । ଆମେରିକାର ଅନ୍ୟ କୌଣସି ରାଜ୍ୟରେ କଫି ଉତ୍ପାଦନ ହୋଇ ନ ଥାଏ ।
- ହଜମ ଶକ୍ତି ବୃଦ୍ଧି କରିବା ପାଇଁ ଅଜଗରର ଶରୀର ଅତି ଆଶ୍ଚର୍ଯ୍ୟଜନକ ଭାବେ ବୃଦ୍ଧି ପାଇଥାଏ । ଏହି ପ୍ରକ୍ରିୟା ଚଳାଇବା ପାଇଁ ହୃତପିଣ୍ଡ, ଯକୃତ ଏବଂ ଅନ୍ତର ଆକାର ୧୫୦ ପ୍ରତିଶତ ବୃଦ୍ଧି ପାଇଥାଏ ।
- ପାଣି ଉପରେ ଚାଲି ପାରୁଥିବା ଝିଣ୍ଟିକାର ପ୍ଳାବନ ଶକ୍ତି ଏତେ ଅଧିକ ଯେ ଏହା ନିଜ ଓଜନର ୧୫ ଗୁଣ ଅଧିକ ଓଜନ ଉଠାଇବାରେ ସକ୍ଷମ ।
- କଦଳୀ ପ୍ରତି ଥିବା ଭୟକୁ କୁହାଯାଏ ବାନାନାଫୋବିୟା ।
- ଜାପାନରେ ତରଭୁଜ ଚାଷୀମାନେ ଏକ ବିଶେଷ କୌଶଳ ପ୍ରୟୋଗ କରି ଚାରିକୋଣିଆ ଆକୃତିର ତରଭୁଜ ଫଳାଇ ଥାଆନ୍ତି ଯାହାଦ୍ୱାରା ସେମାନଙ୍କୁ ଏକ ଗଚ୍ଛିତ କରି ରଖିବାରେ ସୁବିଧା ହୋଇଥାଏ ।
- ମଣିଷର ମସ୍ତିଷ୍କ ଜାଗ୍ରତ ଅବସ୍ଥା ଅପେକ୍ଷା ଶୋଇଥିବା ବେଳେ ଅଧିକ ସକ୍ରିୟ ଥାଏ ।
- ମଣିଷ ହେଉଛି ପୃଥିବୀର ଏକମାତ୍ର ପ୍ରାଣୀ ଯିଏ କି ଉପରକୁ ମୁହଁ କରି ଅର୍ଥାତ୍ ଚିତ୍ ହୋଇ ଶୋଇପାରେ ।

## କର୍କଟ ଦୂରକରେ କଦଳୀ ଚୋପା

**ଆ**ଜିର ବ୍ୟସ୍ତବହୁଳ ଜୀବନରେ ଲୋକେ ଫଳ ଓ ଜୁସ୍ ଖାଇବାକୁ ବହୁତ ପସନ୍ଦ କରନ୍ତି । କେବଳ ଫଳ ନୁହେଁ ବରଂ ଫଳ ଚୋପାରେ ମଧ ରୋଗ ଦୂରକାରୀ ଶକ୍ତି ରହିଥାଏ । ସେହିଭଳି କଦଳୀ ଚୋପାରେ ମଧ ରହିଥାଏ ରୋଗ ପ୍ରତିରୋଧକାରୀ ଶକ୍ତି । ତେବେ ଜାଣନ୍ତୁ ଚୋପା ଦେଇପାରେ କର୍କଟ ଭଳି ଦୁଃସାଧ ରୋଗରୁ ସୁରକ୍ଷା ।



କଦଳୀ ଚୋପାର ଅଂଶ : ପାଚିଲା କଦଳୀ ଚୋପାରେ ଲୁଟେନିନ୍ ରହିଛି, ଯାହା ଏକ ଆଣ୍ଟିଅକ୍ସିଡାଣ୍ଟ ଭଳି କାର୍ଯ୍ୟ କରିଥାଏ । ଏହା ସହ ଏଥିରେ ବହୁଳ ମାତ୍ରାରେ ମ୍ୟାଗ୍ନେସିୟମ୍, ପୋଟାସିୟମ ଓ ଫାଇବର ରହିଛି । କଦଳୀ ଚୋପାରେ ବହୁଳ ମାତ୍ରାର ଭିଟାମିନ୍ ବି-୬, ବି-୧୨ ମଧ ରହିଥାଏ ।

ରୋଗ ପ୍ରତିରୋଧକାରୀ ଚୋପା : ପାଚିଲା କଦଳୀ ଚୋପାରୁ ପ୍ରସ୍ତୁତ ଚା' ପିଇବା ଦେହ ପାଇଁ ହିତକର ହୋଇଥାଏ । ଏହା ଏକ ଆୟୁର୍ବେଦ ଔଷଧ ରୂପେ କାର୍ଯ୍ୟ କରିଥାଏ । ଏହି ଚା' ଦୈନନ୍ଦିନ ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ଭଳି ସମସ୍ୟା ହୋଇ ନ ଥାଏ । ଏଥିରେ ଥିବା ପୋଟାସିୟମ ଓ ମ୍ୟାଗ୍ନେସିୟମ ଦ୍ୱାରା ଉଚ୍ଚ ରକ୍ତଚାପ ଓ ହୃଦଘାତକୁ ନିୟନ୍ତ୍ରଣ କରାଯାଇ ପାରିବ । ଏଥିରେ କିଛି ଫଟୋ କେମିକାଲ ରହିଥାଏ ଯାହା ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ରୂପେ କାର୍ଯ୍ୟ କରିଥାଏ । ଏହି ଆଣ୍ଟିଅକ୍ସିଡାଣ୍ଟ ମାତ୍ରା ହେତୁ କର୍କଟ ଭଳି ଦୁସାଧ ରୋଗକୁ ନିୟନ୍ତ୍ରଣ କରାଯାଇପାରିବ । ତେଣୁ କଦଳୀ ଚୋପାରୁ ପ୍ରସ୍ତୁତ ଚା' ଏକ ମହୌଷଧି ରୂପେ କାର୍ଯ୍ୟକରିଥାଏ ।

ପ୍ରସ୍ତୁତି : ପ୍ରଥମେ ଏକ ପାତ୍ରରେ ପାଣି ଗରମ କରନ୍ତୁ । ଗରମ ପାଣିରେ କଦଳୀ ଚୋପା ପକାଇ ୧୦ ମିନିଟ୍ ଏହାକୁ ପାଣିରେ ଫୁଟାନ୍ତୁ । ଚୋପାଟି ଭଲ ଭାବରେ ଫୁଟିଯିବା ପରେ ସେଥିରେ ଡାଲଚିନି ଗୁଣ୍ଡ ପକାଇ ୨-୩ ମିନିଟ୍ ଘୋଡ଼ାଇ ଏହାକୁ ଏକ କପରେ ଛାଣି ସେଥିରେ ମହୁ ପକାଇ ପିଅନ୍ତୁ ।

## ଆଜ୍‌ମା ରୋଗୀଙ୍କ ପାଇଁ ଭିଟାମିନ୍ -ସି

**ସା**ଧାରଣତଃ ଅଜ୍‌ମା ରୋଗୀ ଖାଦ୍ୟପେୟ ପ୍ରତି ଅଧିକ ସତର୍କ ରୁହନ୍ତି । ଯଦି ଏହି ରୋଗୀ ନିୟମିତ ବ୍ୟାୟାମ କରୁଥାଆନ୍ତି, ତେବେ ସେମାନେ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ଅଧିକ ଖାଇଲେ ତାହା ସ୍ୱାସ୍ଥ୍ୟ ପ୍ରତି ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ । ଆମେରିକୀୟ ଖାଦ୍ୟ ବିଶେଷଜ୍ଞମାନେ ଏକଥା ସଦ୍ୟତମ ଗବେଷଣାରୁ ଜାଣିବାକୁ ପାଇଛନ୍ତି । ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ



ସେମାନେ ୧୨୦୦ ଆଜ୍‌ମା ରୋଗୀରେ ଆକ୍ରାନ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସେମାନେ କେଉଁ ପ୍ରକାର ଖାଦ୍ୟ ଖାଉଛନ୍ତି ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା । ଅପରପକ୍ଷରେ ଯେଉଁମାନେ ନିୟମିତ ବ୍ୟାୟାମ କରୁଛନ୍ତି ସେମାନେ କି କି ଖାଦ୍ୟ ଖାଉଛନ୍ତି ତାହାକୁ ମଧ ଗବେଷଣା ପରିସରଭୁକ୍ତ କରାଯାଇଥିଲା । ଏହି ସମୟରେ ସେମାନଙ୍କୁ ଭିଟାମିନ୍ -ସି' ଯୁକ୍ତ ଖାଦ୍ୟ ଅଧିକ ପରିମାଣରେ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ଏଭଳି ଖାଦ୍ୟ ଖାଇବା ଦ୍ୱାରା ପ୍ରଦୂଷିତ ବାୟୁମଣ୍ଡଳର ଖରାପ ପ୍ରଭାବ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡି ନ ଥାଏ ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## କହିପାରିବେ କି ?

(୧) 'ଭାରତର ନେପୋଲିୟନ୍' ଭାବେ କିଏ ପରିଚିତ ?
(୨) କନିଷ୍କ ରାଜାଙ୍କ ରାଜବୈଦ୍ୟ କିଏ ଥିଲେ ?
(୩) ଭାରତ ଓ ଚୀନ ମଧରେ ଥିବା ସୀମାରେଖାର ନାଁ କ'ଣ ?
(୪) ପଟ୍ଟାଭି ସୀତାରମେୟାଙ୍କ ରଚିତ 'ଦ ହିଷ୍ଟ୍ରି ଅଫ୍ ଇଣ୍ଡିଆନ୍ ନ୍ୟାଶନାଲ କଂଗ୍ରେସ' ପୁସ୍ତକକୁ କିଏ ଓଡ଼ିଆରେ ଅନୁବାଦ କରିଥିଲେ ?
(୫) କେଉଁ ନଦୀକୁ 'ଓଡ଼ିଶାର ଦୁଃଖ' କୁହାଯାଏ ?
(୬) କେଉଁ ଗ୍ୟାସ୍ ଯୋଗୁଁ ଅମ୍ଳବୃଷ୍ଟି ହୋଇଥାଏ ?
(୭) ମାଇକ୍ରୋଚିପ୍ ପ୍ରସ୍ତୁତିରେ କେଉଁ ଧାତୁ ବ୍ୟବହାର କରାଯାଏ ?
(୮) ସିଲିକନ୍ ଯୋଗୁଁ ହେଉଥିବା ବିଷାକ୍ତ କ୍ରିୟାର ନାମ କ'ଣ ?
(୯) ବୈଦ୍ୟୁତିକ ସ୍ୱିଚ୍, କମ୍ପ୍ୟୁଟର ଡିସ୍କ ଆଦି ତିଆରିରେ ବ୍ୟବହୃତ ହେଉଥିବା ପଲିମର କେଉଁଟି ?
(୧୦) ରେଡିଓ, ଟିଭିର କ୍ୟାବିନେଟ୍ କେଉଁ ପଲିମରରେ ତିଆରି ହୋଇଥାଏ ?

### JUMBLE WORDS

| | | | |
|---|---|---|---|
| 1) HERNDC | = | 6) NCHOPO | = |
| 2) WSODNI | = | 7) ZAGEL | = |
| 3) NAYML | = | 8) GATEN | = |
| 4) SATHS | = | 9) PODORY | = |
| 5) DYULDC | = | 10) ROJNAG | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର **:-**

୧. ୧୦ ହଜାର ଗୁଣ, ୨. ଟ୍ରିଗର ଫିସ୍, ୩. ୩୦୦ କି.ଗ୍ରା ଖାଦ୍ୟ ଓ ୧୬୦ ଲିଟର ପାଣି, ୪. ଆଫ୍ରିକା, ୫. ଟିଙ୍କର ଟଏ, ୬. ଦକ୍ଷିଣ ଆଫ୍ରିକା, ୭. ଏସିଆ, ୮. ଗୋଲିଆଥ ଟାଇଗର, ୯. ୫୦ ହଜାରରୁ ଅଧିକ, ୧୦. ଜେବ୍ରା ।

***Jumble Words*** ର ଉତ୍ତର **:-**

(1) LUNGE (2) WHINE (3) CAUGHT (4) GUITAR (5) VIPER (6) BASIC (7) DECADE (8) TURKEY (9) HYENA (10) GRAND

# ଓଡ଼ିଶାର ଖଣି ଗୁଡିକରୁ ସରିଆସୁଛି କୋଇଲା

ସମ୍ବଲପୁର : ଓଡ଼ିଶାର ଖଣିଗୁଡ଼ିକରୁ କୋଇଲା ସରି ଆସୁଛି । ଅନୁଗୁଳ ଓ ଝାରସୁଗୁଡ଼ା ଜିଲ୍ଲାର ୩ଟି ଖଣିରୁ କୋଇଲା ସରିଯିବାରୁ ତାହାକୁ ବନ୍ଦ କରି ଦିଆଯାଉଛି । ୨୦୩୦ ସୁଦ୍ଧା ଆଉ ୬ଟି ଖଣି ବନ୍ଦ ହେବାର ଆଶଙ୍କା ପ୍ରକାଶ ପାଇଛି । ସେଥିମଧ୍ୟରେ ୪ଟି ଭୂତଳ କୋଇଲା ଖଣି ରହିଛି । ଏହି ଖଣିଗୁଡ଼ିକର ଉତ୍ପାଦନ କ୍ଷମତା ଦିନକୁ ଦିନ ହ୍ରାସ ପାଉଛି । ୩ଟି ଖଣି ଲାଭଜନକ ହୋଇପାରୁ ନାହିଁ । ଏଥିସହ ୨୦୪୦ ସୁଦ୍ଧା ତାଳଚେରରେ ଥିବା ଲିଙ୍ଗରାଜ, ଅନନ୍ତ ଓ ଜଗନ୍ନାଥ ଖଣିରୁ କୋଇଲା ସରିଯିବ । ଇଣ୍ଟରନ୍ୟାସନାଲ ଫୋରମ୍ ଫର୍. ଏନ୍‌ଭାଇରନମେଣ୍ଟ ସଷ୍ଟେନେବିଲିଟି ଆଣ୍ଡ ଟେକ୍ନୋଲୋଜି (ଆଇଫରେଷ୍ଟ) ପକ୍ଷରୁ ପ୍ରକାଶିତ 'ଜଷ୍ଟ ଟ୍ରାନଜିସନ୍ ଇନ୍ ଓଡ଼ିଶା ଫର୍ ଗ୍ରିନ୍ ଗ୍ରୋଥ୍ ଆଣ୍ଡ ଗ୍ରିନ୍ ଜବସ୍' ରିପୋର୍ଟରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି । ଏହି କ୍ଷେତ୍ରରେ ଥିବା ଆହ୍ୱାନ ସମ୍ପର୍କରେ କୁହାଯାଇଛି ଯେ, କୋଇଲା ଖୋଳି ସାରିବା ପରେ ଖଣିର ଜମିଗୁଡ଼ିକ ପୁନଃବ୍ୟବହାର ହେଉ ନ ଥିବାରୁ ତାହା ବଡ଼ ସମସ୍ୟା ପାଲଟିଛି । ୨୦୩୦ ସୁଦ୍ଧା ଏଭଳି ୧୧ ହଜାର ହେକ୍ଟରର ଖଣି ଜମି ଅବ୍ୟବହୃତ ହୋଇ ରହିବାର ଆଶଙ୍କା ରହିଛି । ଯାହାକୁ ପୁନଃବ୍ୟବହାର ଯୋଗ୍ୟ କରିବାର ଆବଶ୍ୟକତା ରହିଛି । ଓଡ଼ିଶାର ମୋଟ ୩୬ ହଜାର ୪୫୯ ହେକ୍ଟର ଜମିରେ କୋଇଲା ଖଣି ରହିଛି । ସେଥିମଧ୍ୟରୁ କାର୍ଯ୍ୟକ୍ଷମ ବାଣିଜ୍ୟିକ ଖଣି ୨୪,୮୯୫.୫ ହେକ୍ଟର, କ୍ୟାପ୍ଟିଭ୍ ଖଣି ୬,୮୩୦ ହେକ୍ଟରରେ ରହିଛି । ୪,୭୩୪ ହେକ୍ଟର ଜମିରୁ କୋଇଲା ସରିଯାଇଛି । ରାଜ୍ୟର ବାର୍ଷିକ କୋଇଲା ଉତ୍ପାଦନ କ୍ଷମତା ୩୫୨ ନିୟୁତ ଟନ୍ ଥିବା ବେଳେ ବର୍ତ୍ତମାନ ମାତ୍ର ୨୩୫ ନିୟୁତ ଟନ୍ କୋଇଲା ଉତ୍ପାଦନ ହେଉଛି । ଏହାର ଅର୍ଥ ହେଉଛି ଯେ କୋଇଲା ଖଣିଗୁଡ଼ିକର କ୍ଷମତା କେବଳ ୬୭% ପର୍ଯ୍ୟନ୍ତ ଉପଯୋଗ ହୋଇପାରୁଛି । ପୂର୍ବରୁ ଥିବା କୋଇଲା ଖଣିଗୁଡ଼ିକର ଉତ୍ପାଦନ କ୍ଷମତାକୁ ଆଉ ୧୦୦ ନିୟୁତ ଟନ୍ ବଢ଼ାଇଲେ, ଯେଉଁ ସବୁ ନୂଆ କୋଇଲା ଖଣି ଆସିବ ତାହା ସେତେଟା ପ୍ରଭାବଶାଳୀ ରହିବ ନାହିଁ । ଭବିଷ୍ୟତରେ ସେହି ଖଣିଗୁଡ଼ିକୁ କୌଣସି ସଂସ୍ଥା ନେବାକୁ ଆଗ୍ରହ ପ୍ରକାଶ କରି ନ ପାରନ୍ତି ବୋଲି ରିପୋର୍ଟରେ କୁହାଯାଇଛି ।

ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍(ଏମ୍‌ସିଏଲ୍) ପକ୍ଷରୁ ଓଡ଼ିଶାରେ ଉତ୍ପାଦିତ ହେଉଥିବା କୋଇଲା ମଧ୍ୟରୁ ୯୯% ବିଦ୍ୟୁତ୍ ଉତ୍ପାଦନରେ ବ୍ୟବହାର ହେଉଛି । ଯେହେତୁ ଭାରତ ଅକ୍ଷୟଶକ୍ତି ଆଡ଼କୁ ଅଗ୍ରସର ହେଉଛି ସେଥିପାଇଁ ୨୦୩୦ ମଧ୍ୟ ଭାଗ ସୁଦ୍ଧା କୋଇଲା ଚାହିଦା ଏହାର ସର୍ବୋଚ୍ଚ ସୀମାରେ ପହଞ୍ଚିବ । ଏହାପର ଠାରୁ ତାହା ହ୍ରାସ ପାଇବ । ଫଳରେ ନୂଆ କୋଇଲା ଖଣିଗୁଡ଼ିକ ଅର୍ଥନୈତିକ ଦୃଷ୍ଟି କୋଣରୁ ଲାଭଦାୟକ ହୋଇ ରହିବ ନାହିଁ । ଏବେ ୨୨ଟି ଓପନ୍‌କାଷ୍ଟ ଖଣିରୁ ବାର୍ଷିକ ୩୫୦.୫୫ ନିୟୁତ ଟନ୍ କୋଇଲା ଉତ୍ପାଦିତ ହେଉଛି, ଯେଉଁଥିରେ ୩୮ ହଜାର ଲୋକ କାର୍ଯ୍ୟ କରୁଛନ୍ତି । ୪ଟି ଭୂତଳ କୋଇଲା ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ୨.୪୨ ନିୟୁତ ଟନ୍ ରହିଥିବା ବେଳେ ୨,୫୧୫ ଶ୍ରମିକ କାର୍ଯ୍ୟ କରୁଛନ୍ତି । ବାଣିଜ୍ୟିକ ଓ କାପ୍ଟିଭ୍ କୋଇଲା ଖଣି ଓଡ଼ିଶାର ୪ଟି ଜିଲ୍ଲା ଯଥା ଅନୁଗୁଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁରରେ ରହିଛି । ସେଥିମଧ୍ୟରେ ତାଳଚେର ହଟ୍‌ସ୍ପଟ୍ ପାଲଟିଛି । ଯେଉଁଠାରେ ୯ଟି ଖଣିରୁ ୧୨୧ ନିୟୁତ ଟନ୍ କୋଇଲା ଉତ୍ପାଦନ କ୍ଷମତା ରହିଛି । ତାଳଚେର ବ୍ୟତୀତ ଝାରସୁଗୁଡ଼ା ଓ ଲଖନପୁର ବ୍ଲକ୍ କୋଇଲା ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛି ।

ଆହୁରି କୁହାଯାଇଛି ଯେ ଓଡ଼ିଶା ହେଉଛି ଭାରତର ବୃହତ୍ତମ କୋଇଲା ଉତ୍ପାଦନକାରୀ ରାଜ୍ୟ । ଦେଶର ୨୪% କୋଇଲା ଓଡ଼ିଶାରେ ଉତ୍ପାଦିତ ହେଉଛି । ଏମ୍‌ସିଏଲ୍ ଓ କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) ୨୦୬ ମେଟ୍ରିକ୍ ଟନ୍ କୋଇଲା ଉତ୍ପାଦନ କରୁଛନ୍ତି । ଏହି କ୍ଷେତ୍ରରେ ୪୦,୫୦୦ରୁ ଅଧିକ ନିଯୁକ୍ତି ସୁଯୋଗ ରହିଛି । ସେଥିମଧ୍ୟରୁ କେବଳ ଏମ୍‌ସିଏଲ୍‌ରେ ୩୫,୪୪୦ ଜଣ କାର୍ଯ୍ୟରତ ଅଛନ୍ତି । ଅନୁଗୁଳ ଜିଲ୍ଲାର ତାଳଚେର ବ୍ଲକରେ କେବଳ ୫୭% ଶ୍ରମିକ ଖଣି କାର୍ଯ୍ୟରେ ନିୟୋଜିତ ରହିଥିବା ରିପୋର୍ଟରେ ଦର୍ଶାଯାଇଛି ।

## କ୍ଷେତରାଜପୁର ବାଳିକା ବିଦ୍ୟାଳୟରେ ବିଜ୍ଞାନ ମେଳା

ସମ୍ବଲପୁର: ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଥିବା କୁନି ବୈଜ୍ଞାନିକ ପ୍ରତିଭାକୁ ବିକଶିତ କରିବା ଏବଂ ବିଜ୍ଞାନ ଉପରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ସ୍ଥାନୀୟ କ୍ଷେତରାଜପୁର ସ୍ଥିତ ବାଳିକା ବିଦ୍ୟାଳୟ ଠାରେ ବାର୍ଷିକ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଶାନ୍ତ ଦାଶ ମୁଖ୍ୟ ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ମଙ୍ଗତୁରାମ ଅଗ୍ରୱାଲ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ ।

ଅଧକ୍ଷ ସନ୍ତୋଷ କୁମାର ହୋତା, ଉପାଧକ୍ଷ ବିପିନ ସିଂ ପ୍ରମୁଖଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ୨୫୦ ଜଣ ଛାତ୍ରଛାତ୍ରୀ ୮୦ଟି ପ୍ରକଳ୍ପ ଓ ମଡେଲକୁ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ ପ୍ରଫେସର ଶଙ୍କର ପ୍ରସାଦ ପତି ଅତିଥି ରୂପେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ।

## ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ ଦେବ ଡୋମିନିକା

ରୋସେଉ : କାରବିଆନ ଦେଶ ଡୋମିନିକା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ ଦେବାକୁ ଘୋଷଣା କରିଛି । କରୋନା ସମୟରେ ସହାୟତା ପାଇଁ ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସହଯୋଗ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମାନ 'ଡୋମିନିକା ଆୱାର୍ଡ ଅଫ୍ ଅନର ପ୍ରଦାନ କରାଯିବ । ଭାରତ ୨୦୨୧ ଫେବୃଆରୀରେ ଡୋମିନିକାକୁ ଅଷ୍ଟ୍ରାଜେନେକା କିରୋନା ଟିକାର ୭୦ ହଜାର ଡୋଜ୍ ପଠାଇ ଥିଲା । ଏହି ଟିକା ଡୋମିନିକା ଏବଂ ଏହାର ପଡୋଶୀ କାରବିଆନ ଦେଶ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲା । ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୁଏନାରେ ହେବାକୁ ଥିବା ଭାରତ-କ୍ୟାରିକମ୍ ସମ୍ମିଳନୀ ଅବସରରେ ଡୋମିନିକା ରାଷ୍ଟ୍ରପତି ସିଲନି ବର୍ଟନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରିବେ । ଏହାକୁ ମିଶାଇ ଏ ପର୍ଯ୍ୟନ୍ତ ୧୪ ଦେଶ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିଜର ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କଲେଣି । ଗତ ଜୁଲାଇ ୯ ତାରିଖରେ ରୁଷ୍ ତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ଅର୍ଡର ଅଫ୍ ସେଣ୍ଟ ଆଣ୍ଡ୍ରୁ ଦ ଏପୋଷ୍ଟଲ' ପ୍ରଦାନ କରିଥିଲା ।

## ବିଧାୟକ ଟଙ୍କଧର ତ୍ରିପାଠୀ ନିର୍ବାଚନମଣ୍ଡଳୀ ସ୍ତରୀୟ ଉନ୍ନୟନ କାର୍ଯ୍ୟର କଲେ ସମୀକ୍ଷା

ଝାରସୁଗୁଡ଼ା: ବିଧାୟକ ଟଙ୍କଧର ତ୍ରିପାଠୀ ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଚାଲୁରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଶ୍ରୀ ତ୍ରିପାଠୀ ଯୋଗଦେଇ ବିଭାଗୀୟ ଅଧିକାରୀମାନଙ୍କୁ ସେବା ମନୋଭାବ ସହିତ ଦଳଗତ ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ବିଧାୟକ ଶ୍ରୀ ତ୍ରିପାଠୀ ବିଭିନ୍ନ ଯୋଜନାରେ ଖର୍ଚ୍ଚ ହୋଇ ପାରି ନ ଥିବା ଅର୍ଥ, ଆରମ୍ଭ ହୋଇନଥିବା ପ୍ରକଳ୍ପ, ଚଳିତ ବର୍ଷ ଅଗଷ୍ଟ ୩୧ତାରିଖ ସୁଦ୍ଧା ଚାଲୁ ରହିଥିବା ପ୍ରକଳ୍ପ, ବାକି ରହିଥିବା ପ୍ରକଳ୍ପଗୁଡ଼ିକର ବର୍ତ୍ତମାନର ସ୍ଥିତି ତଥା ବିଭିନ୍ନ ଯୋଜନାରେ ୨୦୨୪- ୨୫ ବର୍ଷ ପାଇଁ ଆକ୍ସନ ପ୍ଲାନ ସମ୍ପର୍କରେ ସମୀକ୍ଷା କରିଥିଲେ । ବିଭାଗ ୱାରି ସମୀକ୍ଷା ଅବସରରେ ବିଧାୟକ ଇଣ୍ଟିଗ୍ରେଟେଡ଼ ଫାର୍ମ ପାଇଁ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବା, ପୌରାଞ୍ଚଳରେ ନାଳନର୍ଦ୍ଦମା, ରାସ୍ତା ତଥା ବିଜୁଳି ଆଲୁଅ ସୁ ବ୍ୟବସ୍ଥିତ କରିବା, ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ଜବରଦଖଲ ମୁକ୍ତ କରିବା ଓ ମଡେଲ ଟାଉନ ସକାଶେ ପ୍ରସ୍ତୁତି ସକାଶେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଭୂମିହୀନମାନଙ୍କର ସମ୍ପୂର୍ଣ୍ଣ ତଥା ନିର୍ଭୁଲ ଡାଟାବେସ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟଟନସ୍ଥଳୀର ବିକାଶ, ବିଭିନ୍ନ ବ୍ଲକରେ ଷ୍ଟାଡିଅମର ଉନ୍ନତିକରଣ ଦିଗରେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ଶିଳ୍ପାନୁଷ୍ଠାନରେ କମ୍ପାନୀମାନଙ୍କ ଦ୍ୱାରା ନିଯୁକ୍ତ ଶ୍ରମିକଙ୍କ ସଂଖ୍ୟା, ଆବଶ୍ୟକତା, ରାଜ୍ୟ ତଥା ରାଜ୍ୟ ବାହାରୁ ନିଯୁକ୍ତ ଶ୍ରମିକଙ୍କ ସଂଖ୍ୟା, ନିୟମାନୁସାରେ ଶ୍ରମିକମାନେ ପାଉଥିବା ସୁବିଧା ଇତ୍ୟାଦି ସମ୍ପର୍କରେ ବିଧାୟକ ସମୀକ୍ଷା କରିଥିଲେ । ବୈଠକରେ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ, ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ସିଡିଓ ପ୍ରବୀର କୁମାର ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ପିଏଆଇଟିଡିଏ ସଞ୍ଜୀବ ପଟେଲ, ବିଡିଓ, ତହସିଲଦାର, ପୌରପାଳିକା ନିର୍ବାହୀ ଅଧିକାରୀ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଡିସେମ୍ବର ୮ ରୁ ଚାଷୀଙ୍କୁ ମିଳିବ ଧାନ ମୂଲ୍ୟ ୩୧୦୦ ଟଙ୍କା

ଭୁବନେଶ୍ୱର: ଆସନ୍ତା ମାସ ୮ ତାରିଖରେ ବରଗଡ ଜିଲ୍ଲା ସୋହେଲା ଠାରେ ଏକ ରାଜ୍ୟ ସ୍ତରୀୟ କୃଷକ ସମାବେଶ ଆୟୋଜନ ମାଧମରେ ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ଧାନର କ୍ୱିଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ପ୍ରଦାନ କରିବେ । ଡିସେମ୍ବର ୮ ତାରିଖଠାରୁ ୨୩୦୦ ଟଙ୍କା ସହିତ ଅତିରିକ୍ତ ୮୦୦ ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାକୁ ୪୮ ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ପ୍ରଦାନ କରାଯିବ । ଆସନ୍ତା ୨୦ ତାରିଖରେ ବରଗଡ ଜିଲ୍ଲାରୁ ଏହି ଧାନସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ । ୨୨ ତାରିଖରେ ସମ୍ବଲପୁର ଏବଂ ପରେ ରାଜ୍ୟର ସବୁ ଜିଲ୍ଲାରେ ଏହି ଧାନ ସଂଗ୍ରହ ବ୍ୟବସ୍ଥା ଆରମ୍ଭ ହେବ । ନଭେମ୍ବର ୨୦ ତାରିଖରୁ ଡିସେମ୍ବର ୭ତାରିଖ ମଧ୍ୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ପ୍ରଦାନ କରାଯିବ ।

## ସ୍ଥାଣୁ ପାଲଟିଛି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ

ସମ୍ବଲପୁର : ସରକାର ବଦଳିଲା । ତଥାପି, ଆଞ୍ଚଳିକ ତାରତମ୍ୟ ଦୂର କରିବା ଲକ୍ଷ୍ୟ ନେଇ ଗଠିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସ୍ଥିତି ବଦଳିନି । ଓଲଟା ସ୍ଥାଣୁ ପ୍ରାୟ ଅବସ୍ଥାକୁ ଚାଲି ଆସିଛି । ମୁରବିବିହୀନ ହୋଇପଡ଼ିଛି ବିକାଶ ପରିଷଦ । ରାଜ୍ୟ ସରକାର ବିକାଶ ପରିଷଦର ଅଧକ୍ଷ ନିଯୁକ୍ତି ଦେଇନଥିବା ବେଳେ ନିର୍ବାଚନ ପୂର୍ବରୁ ଖାଲି ପଡ଼ିଥିବା ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ) ପଦରେ ବି କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ । ଏହି ପରିପ୍ରେକ୍ଷୀରେ ପଶ୍ଚିମ ଓଡ଼ିଶା ପ୍ରତି ସରକାରଙ୍କ କିଭଳି ଆଭିମୁଖ୍ୟ ରହିଛି, ତାହା ପରୋକ୍ଷରେ ସୂଚାଇ ଦେଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି ।

ପଶ୍ଚିମ ପରିଷଦ ଇତିମଧ୍ୟରେ ୨୫ ବର୍ଷ ଅତିକ୍ରମ କରିଛି । ତଥାପି, ପଶ୍ଚିମ ଓଡ଼ିଶାରେ ଆଶାନୁରୂପ ବିକାଶ ହୋଇନାହିଁ । ବିକାଶ ପରିଷଦର ମୁଖ୍ୟାଳୟ ଭୁବନେଶ୍ୱରରୁ ପଶ୍ଚିମ ଓଡ଼ିଶାକୁ ଆସିପାରିନାହିଁ । ଗତ ନିର୍ବାଚନ ସମୟରେ ବିଜେପି ଏହାକୁ ଏକ ନିର୍ବାଚନୀ ପ୍ରସଙ୍ଗ କରିଥିଲା । ନିର୍ବାଚନରେ ପଶ୍ଚିମ ଓଡ଼ିଶାରେ ବିଜେପିକୁ ସଫଳତା ମିଳିବାରେ ଏହି ପ୍ରସଙ୍ଗ ବି ଅନ୍ୟତମ କାରଣ ହୋଇଥିବା ବିବେଚନା କରାଯାଏ । ବିକାଶ ପରିଷଦ ଅଧକ୍ଷଙ୍କୁ ସହାୟତା କରିବା ନିମନ୍ତେ ଜଣେ ବରିଷ୍ଠ ପ୍ରାଶାସନିକ ଅଧିକାରୀଙ୍କୁ ସିଇଓ ଭାବେ ନିଯୁକ୍ତି ଦିଆଯାଇଥାଏ । ରାଜନୈତିକରେ ଭାଗ୍ୟ ପରୀକ୍ଷା କରିବା ଆଶାରେ ସିଇଓ ଅଜିତ ମିଶ୍ର ଠିକ୍ ନିର୍ବାଚନ ପୂର୍ବରୁ ଗତ ମାର୍ଚ୍ଚ ମାସରେ ସରକାରୀ ଚାକିରୀରୁ ଇସ୍ତଫା ଦେଇଥିଲେ ।

ଅଜିତ ମିଶ୍ରଙ୍କ ଇସ୍ତଫା ପରେ ଗତ ୭ ମାସରୁ ଅଧିକ ସମୟ ହେଲା ଏହି ପଦ ଖାଲି ପଡ଼ିଛି । ବିଜେପି ସରକାରକୁ ଆସିବା ପରେ ପୁରୁଣା ବିଜେଡି ସରକାର ଦ୍ୱାରା ବିଭିନ୍ନ ବିଭାଗ ଆଉ ଯୋଜନା ପାଇଁ ନିଯୁକ୍ତ ଉପଦେଷ୍ଟାମାନଙ୍କୁ ବିଦା କରିଥିଲେ । ପରବର୍ତ୍ତୀ ସମୟରେ ସେଭଳି ସଂକ୍ଷିପ୍ତ ଆଦେଶରେ ବିଭିନ୍ନ ନିଗମର ଅଧକ୍ଷ ବି ବିଦା ହୋଇଥିଲେ । ସମ୍ଭବତଃ ଏଭଳି ସ୍ଥିତି ଦେଖି ବିକାଶ ପରିଷଦର ଅଧକ୍ଷ ଅସିତ ତ୍ରିପାଠୀ ତାଙ୍କ ୫ ବର୍ଷୀୟା କାର୍ଯ୍ୟକାଳ ସରିବା ଆଗରୁ ଗତ ୧୭ ଅଗଷ୍ଟରେ ଇସ୍ତଫା ଦେଇଥିଲେ । ଅଧକ୍ଷ ପଦ ଖାଲି ରହିବାକୁ ଏହାମଧ୍ୟରେ ଅଢ଼େଇ ମାସ ଅତିକ୍ରାନ୍ତ ହୋଇଗଲାଣି ତଥାପି, ବିଜେପି ସରକାର ଏହି ପଦରେ କାହାକୁ ନିଯୁକ୍ତି ଦେବେ, ତାହା ସ୍ଥିର କରିପାରିନାହାନ୍ତି । ଅଧକ୍ଷ ଏବଂ ସିଇଓ ଉଭୟ ପଦ ଖାଲି ରହିଥିବାରୁ ବିକାଶ ପରିଷଦର କୌଣସି କାମ ଆଗେଇ ପାରୁନାହିଁ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଏମ୍‌ସିଏଲ୍‌ରେ କୋଲ୍ ଇଣ୍ଡିଆର ସୁବର୍ଣ୍ଣ ଜୟନ୍ତୀ ପାଳିତ









ବୁର୍ଲା : ଏମ୍‌ସିଏଲ୍‌ରେ କୋଲ୍ ଇଣ୍ଡିଆର ସୁବର୍ଣ୍ଣ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ଏମ୍‌ସିଏଲ୍ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ 'ଉତ୍କର୍ଷ ଦୌଡ଼'କୁ କୋଇ ଇଣ୍ଡିଆର ଅଧ୍ୟକ୍ଷ ପି.ଏମ୍. ପ୍ରସାଦ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏମ୍‌ସିଏଲ୍‌ର ସିଏମ୍‌ଡି ଉଦୟ ଅନନ୍ତ କାଓଲେ, ଯୁଗ୍ମ କୋଇଲା ସଚିବ ସଂଜୀବ କୁମାର କସ୍ତି, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ପି.କେ.ପଟେଲ, ନିର୍ଦ୍ଦେଶକ (ବୈଷୟିକ ଓ ପରିଚାଳନା) ଜି.କେ. ବୋରା, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା, ବୈଷୟିକ ନିର୍ଦ୍ଦେଶକ(ଯୋଜନା ଓ ପ୍ରକଳ୍ପ) ଏ.କେ. ବାପଟ ପ୍ରମୁଖ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ସେହିପରି ଜେ.ଜି. କୁମାର ମଙ୍ଗଲମ୍ ସ୍ମାରକୀ ବକ୍ତୃତାମାଳାରେ ବିବେକ ଆତ୍ରେୟ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୩୮ ଜଣ କର୍ମଚାରୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଯୋଗ ଦାନ ନିମନ୍ତେ ପୁରସ୍କୃତ କରାଯାଇଥିଲା। ଏହାଛଡ଼ା ଦୁଇଜଣ କର୍ମଚାରୀଙ୍କୁ ସ୍ପେଶିଆଲ ଏଚିଭମେଣ୍ଟ ଏୱାର୍ଡ ଦିଆଯାଇଥିଲା। କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଏବଂ ବିତ୍ତ ନିର୍ଦ୍ଦେଶକ ଏ.କେ.ବେହୁରା ଏଥିରେ ଯୋଗଦେଇ କର୍ମଚାରୀମାନଙ୍କୁ ପୁରସ୍କୃତ କରିଥିଲେ। ଏଥି ସହିତ ବିଦ୍ୟାଳୟମାନଙ୍କ ମଧ୍ୟରେ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ ସେଣ୍ଟ ଜୋନ୍ସ ସ୍କୁଲ, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଏବଂ ସରକାରୀ ବାଳକ ହାଇସ୍କୁଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। କୋଲ୍ ଇଣ୍ଡିଆ ଗଲ୍ଫ ପ୍ରତିଯୋଗିତାରେ ବସୁନ୍ଧରା କ୍ଷେତ୍ରର ଅଧିକାରୀ ରାଜଦୋଡ଼ଇ ସିଂହ ବିଜେତା ଏବଂ ଅବସରପ୍ରାପ୍ତ ନିରାପତ୍ତା ନିରୀକ୍ଷକ ଏସ୍.କେ. ଲାଲ ଉପବିଜେତା ହୋଇଥିଲେ। ଉଦ୍‌ଯାପନୀ ଦିବସରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କମ୍ପାନୀର ପୂର୍ବତନ ନିର୍ଦ୍ଦେଶକ ଜି.ଡି ଗୁଲାବ, ଏଲ.ଏନ୍. ମିଶ୍ର, ପି.ସି. ପାଣିଗ୍ରାହୀ, କୁଳମଣି ବିଶ୍ୱାଳ, ଏସ୍.ପି. ସିଂହ, କେ. ବାସୁଦେବନ ଏବଂ ତାଙ୍କ ସହଧର୍ମିଣୀମାନଙ୍କୁ ସି.ଏମ୍.ଡି ଶ୍ରୀ କାଓଲେ ସମ୍ମାନିତ କରିଥିଲେ। ଏହାଛଡ଼ା ଆୟୋଜିତ ଷ୍ଟାର ନାଇଟ୍ କାର୍ଯ୍ୟକ୍ରମରେ ପଳକ ମୁଚ୍ଛଲ ଏବଂ ତାଙ୍କ ଭାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଭରପୁର ଦର୍ଶକଙ୍କ ପ୍ରେକ୍ଷାଳୟରେ 'ଉଡ଼ାନ'ର ସପ୍ତମ ବାର୍ଷିକ ଉତ୍ସବ ପାଳିତ









ସମ୍ବଲପୁର : ସହରର ଅଗ୍ରଣୀ ନୃତ୍ୟ ଓ ସଂଗୀତ ତାଲିମ ପ୍ରତିଷ୍ଠାନ 'ଉଡ଼ାନ'ର ସପ୍ତମ ବାର୍ଷିକ ଉତ୍ସବ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରମେଶ ସାହାଙ୍କ ଅଧ୍ୟକ୍ଷତା ତଥା ଅଞ୍ଜନ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଶ୍ରୀମତୀ ସୁଜାତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଅନୁଷ୍ଠାନର ପରାମର୍ଶଦାତା କମିଟିର ଅଧ୍ୟକ୍ଷ ହେମନ୍ତ କୁମାର ମହାପାତ୍ର ଏବଂ ଆଇନ ପରାମର୍ଶଦାତା ଆଡ଼ଭୋକେଟ୍ ଶ୍ରୀମତୀ ବନ୍ଦିତା ମିଶ୍ର ମଧ୍ୟ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ନିର୍ଦ୍ଦେଶିକା ଶ୍ରୀମତୀ ତମନ୍ନା ସାମନ୍ତରାୟ ଅନୁଷ୍ଠାନର ଆଭିମୁଖ୍ୟ ଏବଂ ବିଗତବର୍ଷ ମାନଙ୍କରେ ଏହାର ସଫଳତା ଏବଂ ସମ୍ବଲପୁରରେ ପ୍ରଥମ ଥର ପାଇଁ କଥକ ନୃତ୍ୟ ଶିକ୍ଷା ଆରମ୍ଭ କରାଯାଇଥିବା ବାବଦ ରେ ସୂଚନା ଦେଇଥିଲେ। ଧନୁପାଲି ଠାରେ 'ଉଡାନ'ର ନୂତନ କ୍ୟାମ୍ପସ୍ ଖୋଲାଯାଇ ପ୍ରଶିକ୍ଷଣ ଦିଆଯାଉଥିବା ଏହାର ଅଧ୍ୟକ୍ଷ ଶ୍ରୀ ସାହା କହିଥିଲେ। ଅନ୍ୟାନ୍ୟମାନଙ୍କ ମଧ୍ୟରେ ମୁନ୍ନାଲାଲ ସାହା, ଶ୍ରୀମତୀ ରାଣୀ ଦେବୀ ଏବଂ ଶ୍ରୀମତୀ ଗୀତାଞ୍ଜଳୀ ଦାଶ ମଧ୍ୟ ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାରତନାଟ୍ୟମ, ସମ୍ବଲପୁରୀ, ଓଡ଼ିଶୀ, ବଲିଉଡ ନାଚ ଓ ଗୀତ ପରିବେଷଣ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସାତ ବର୍ଷ ତଳେ ଜଣେ ଛାତ୍ରୀଙ୍କୁ ନେଇ ଏଠାରେ ଆରମ୍ଭ ହୋଇଥିବା 'ଉଡାନ' ଅନୁଷ୍ଠାନରେ ବର୍ତ୍ତମାନ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ନୃତ୍ୟ ଓ ଗୀତ ପ୍ରଶିକ୍ଷଣ ନେଉଛନ୍ତି।

# ଡାକ୍ତର ବି.ପି. ମିଶ୍ର ବକ୍ତୃତା ମାଳା





ସମ୍ବଲପୁର : ବିଶିଷ୍ଟ ଶଲ୍ୟ ବିଶେଷଜ୍ଞ ସ୍ୱର୍ଗତ ଡାକ୍ତର ଭୁବନେଶ୍ୱରୀ ପ୍ରସାଦ ମିଶ୍ରଙ୍କ ଜୟନ୍ତୀ ଅବସରରେ ତ୍ରୟୋଦଶ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟିର ସଭାପତି ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି, ସ୍ୱାମୀ ନିତ୍ୟ ଚୈତନ୍ୟ ସରସ୍ୱତୀ ମୁଖ୍ୟବକ୍ତା ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବୁର୍ଲା ମେଡିକାଲର ଅବସରପ୍ରାପ୍ତ ନିଶ୍ଚେତକ ବିଭାଗର ପ୍ରଫେସର ଡାକ୍ତର ଧ୍ରୁବ ଚରଣ ନନ୍ଦଙ୍କୁ ବି.ପି. ମିଶ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମାଜସେବୀ ଉଦ୍ଧବ ମହାପାତ୍ର ମାନପତ୍ର ପାଠ କରିଥିଲେ। ପ୍ରାରମ୍ଭରେ ଉପସଭାପତି ଶଙ୍କର ପ୍ରସାଦ ପତି ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ପ୍ରଫୁଲ୍ଲ ହୋତା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଯୁଗ୍ମ ସାମ୍ପାଦକ ଚକ୍ରଧର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra